


# ଜଗନ୍ନାଥ ଏକ୍ସପ୍ରେସ୍



JAGANNATH EXPRESS

RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୬୯ ଭୁବନେଶ୍ୱର ସୋମବାର, ମାର୍ଚ୍ଚ ୦୩.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.169 Bhubaneswar, Monday, March 03, 2025

## ମାର୍ଚ୍ଚ ଆରମ୍ଭରୁ ନିଆଁ ବର୍ଷା

### ରାଜଧାନୀର ତାତି ୩୫ ଡିଗ୍ରୀ ପାର୍ କଲା




ଭୁବନେଶ୍ୱର, ୨/୩: ମାର୍ଚ୍ଚ ମାସରୁ ଆକାଶରୁ ନିଆଁ ବର୍ଷା ! ରାଜଧାନୀ ଭୁବନେଶ୍ୱର କଥା ନକହିବା ଭଲ। ଆଜି ରାଜଧାନୀର ତାପମାତ୍ର ୩୫ ଡିଗ୍ରୀ ଅତିକ୍ରମ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଏନେଇ ସୂଚନା ଦେଇଛନ୍ତି।ଉମାଶଙ୍କର ଦାସ ସୋସିଆଲ ମିଡ଼ିଆ 'ଏକ୍ସ'ରେ ଲେଖିଛନ୍ତି, ଶନିବାର ଭୁବନେଶ୍ୱରର ତାପମାତ୍ର ୩୪ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆଜି ଦିନ ସାଢେ ୨ଟା ସୁଦ୍ଧା ରାଜଧାନୀର ତାପମାତ୍ରା ୩୫.୬ ଡିଗ୍ରୀ ରେକର୍ଡ କରାଯାଇଛି। ତା' ତଳକୁ ରହିଛି ଭଦ୍ରକ ଜିଲ୍ଲାର ଚାନ୍ଦବାଲି। ଏଠାରେ ତାପମାତ୍ରା ୩୫.୪ ଡିଗ୍ରୀ ରେକର୍ଡ କରାଯାଇଛି। ଗତକାଲି(ଶନିବାର) ଚାନ୍ଦବାଲିର ତାପମାତ୍ର ୩୪.୮ସ୍ୱଉ ରେକର୍ଡ କରାଯାଥିଲା। ଆଜି କିନ୍ତୁ ୪ ଡିଗ୍ରୀ କମ୍ ରହିଛି। ତଥାପି ଗୁଳୁଗୁଳି କରୁଥିବାରୁ ଜୀବନଯାତ୍ରା ଅସ୍ତବ୍ୟସ୍ତ କରିଛି। ସେପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଗତ ୨୪ ଘଣ୍ଟା ଭିତରେ ଟିଟିଲାଗଡ଼ ପାଲଟିଥିଲା ଉତ୍ତପ୍ତ ସହର। ଏଠାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୮.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା। ଠିକ୍ ସେହିପରି ଭୁବନେଶ୍ୱରରେ ୩୪.୨ ଡିଗ୍ରୀ, କଟକରେ ୩୪.୨ ଡିଗ୍ରୀ, ଝାରସୁଗୁଡ଼ାରେ ୩୮.୨ ଡିଗ୍ରୀ, ବଲାଙ୍ଗିରରେ ୩୮, ଅନୁଗୋଳ ଓ ସୋନପୁରର ତାପମାତ୍ରା ୩୭.୭ ଡିଗ୍ରୀ ରେକର୍ଡ କରାଯାଇଥିଲା। ପ୍ରବଳ ଖରା ଯୋଗୁ ଆଜି ରାଜଧାନୀର ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନ ୧୨ଟା ବେଳକୁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିଲା। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଏପରି ତାତି ଅନୁଭୂବ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ପାଟଣାରେ ହେବ ମେଗା ଷ୍ଟିଲ ପ୍ଲାଣ୍ଟ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର , ୨/୩: ପାଟଣାରେ ହେବ ମେଗା ଷ୍ଟିଲ୍ ପ୍ଲାଣ୍ଟ। ୩୦ ହଜାରରୁ ୪୦ ହଜାର କୋଟି ଟଙ୍କା ବ୍ୟୟରେ JSW ଓ Posco କରିବେ ଷ୍ଟିଲ୍ ପ୍ଲାଣ୍ଟ। ଏଥିପାଇଁ ରାଜ୍ୟ ସରକାରଙ୍କ ସହିତ MOU ସ୍ୱାକ୍ଷର ହୋଇଛି। ଆଜି ଏନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ନିଜ ଜନ୍ମମାଟି କେନ୍ଦୁଝର ଗସ୍ତରେ ଯାଇଥିଲେ। ସେ ଚମ୍ପୁଆ ଚନ୍ଦ୍ରଶେଖର କଲେଜ ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ। ଚମ୍ପୁଆ ଚନ୍ଦ୍ରଶେଖର କଲେଜକୁ ଅଟୋନୋମସ୍ କଲେଜରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହିତ କଲେଜ ପାଇଁ ୪ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ସୂଚନାରୁ ପ୍ରକାଶ, ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜ ଗସ୍ତରେ ଯାଇଥିଲେ। ସେଠାରେ ମେଗା ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ। ଆଜି ନିଜ ଜନ୍ମ ମାଟି କେନ୍ଦୁଝରକୁ ଫେରି ପାଟଣାବାସୀଙ୍କୁ ଖୁସି ଖବର ଦେଇଥିଲେ ମୁଖ୍ୟମନ୍ତ୍ରୀ। ସେପଟେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଆଞ୍ଚଳିକ ଯନ୍ତ୍ରପାତି ମେଳା ଉଦ୍‌ଘାଟନ କରିଥିଲେ। ଏଥିସହ ଇ-ରିକ୍ସାରେ ସମସ୍ତ ଷ୍ଟଲ୍ ବୁଲି ଦେଖିଲେ। ପରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସରକାର ଉପରେ ବର୍ଷିଥିଲେ। ସେ କହିଥିଲେ, ଯଦି ପୂର୍ବ ସରକାର ଚାଷୀଙ୍କ ପାଇଁ ଏତେ ଚିନ୍ତା କରୁଥିଲେ, ତାହାହେଲେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶାର ଚାଷୀଙ୍କର ମାସିକ ହାରାହାରି ଆୟ ତଳ ଆଡ଼ୁ କାହିଁକି ଦ୍ୱିତୀୟ ହେଲା ନୂତନ ସରକାର ଯାହା କହିଥିଲେ, ତାହା କରି ଦେଖାଇଛନ୍ତି। ପୂର୍ବ ସରକାର ଜଗନ୍ନାଥଙ୍କୁ ଗାଡ଼ିରେ ବୁଲାଇ ନେତାଙ୍କ ବଡ଼ ହୋର୍ଡିଂ ଲଗାଇ କେବଳ ଭୋଟ୍ ବ୍ୟାଙ୍କ ପାଇଁ ଲୋକଙ୍କଠାରୁ ଉଷୁନା ଓ ଅରୁଆ ଚାଉଳ ସଂଗ୍ରହ କରୁଥିଲେ। ମହିଳା ସଶକ୍ତିକରଣ ନାଁରେ ଗତ ସରକାର କେବଳ ବ୍ୟାଙ୍କରୁ କିଛି ଋଣ ଦେଇ ମହିଳାଙ୍କୁ




ଠକୁଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ପୂର୍ବ ସରକାର ଚାଷୀମାନଙ୍କୁ ୧୦୦ ଟଙ୍କା ବୋନସ୍ ଦେଇ ପାରିଲେ ନାହିଁ। ହେଲେ ଆମ ସରକାର ଚାଷୀଙ୍କୁ ୨୩ ଶହ ଟଙ୍କା ଉପରେ ୮ଶହ ଟଙ୍କା ସହ ସମୁଦାୟ ୩୧ଶହ ଟଙ୍କା ପ୍ରଦାନ କରୁଛି। ଆସନ୍ତା ୮ ତାରିଖରେ ବ୍ରହ୍ମପୁରରେ ସମୁଦାୟ ୧ କୋଟି ମହିଳାଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ସରକାର ଖରିଫ୍ ଋତୁରେ ଚାଷୀମାନଙ୍କୁ ୫ହଜାର କୋଟି ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରିଛି। ଚାଷୀଙ୍କୁ ପିଏମ୍ କିଶାନ୍ ଯୋଜନାରେ ୬ ହଜାର ଟଙ୍କା ଓ ସିଏମ୍ କିଶାନ୍ ଯୋଜନାରେ ୪ ହଜାର ଟଙ୍କା ଏପରି ବର୍ଷକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଚାଷୀଙ୍କ ପାଇଁ ଆସନ୍ତା ବଜେଟ୍‌ରେ ୫ ହଜାର କୋଟି ଟଙ୍କାରୁ ବୃଦ୍ଧିକରି ୭ ହଜାର କୋଟି ଟଙ୍କା କରାଯିବ। ନବୀନବାବୁ ପ୍ରତି ବ୍ଲକରେ ୩୫ ପ୍ରତିଶତ ଜଳସେଚନ କରିବେ ବୋଲି କହିଥିଲେ। ପରେ ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବେ ବୋଲି କହିଥିଲେ। ହେଲେ ସେ ସବୁ କିଛି ହେଲାନାହିଁ। ନୂତନ ସରକାର ଏବର୍ଷ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ।

## ସୁଭଦ୍ରା: ମାର୍ଚ୍ଚ ୩୧ ଆବେଦନ ଶେଷ

ଭୁବନେଶ୍ୱର, ୨/୩: ୨୦୨୪-୨୦୨୫ ପାଇଁ ଆବେଦନର ଶେଷ ତାରିଖ ରହିଛି ଆସନ୍ତା ମାର୍ଚ୍ଚ ୩୧ ତାରିଖ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସୂଚନ, ସୁଭଦ୍ରା ମ୍ୟାଜିକ ନମ୍ବର କୋଟିଏରୁ ଊର୍ଦ୍ଧ୍ୱ ଛୁଇଁଛି। କୋଟିଏ ମହିଳାଙ୍କୁ ସୁଭଦ୍ରା ମିଳିବା ଗୋଟିଏ ଇତିହାସ। ଯେଉଁମାନେ ବି ଆବେଦନ କରିବେ, ସମସ୍ତଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ । ଚଳିତମାସ ୬ ତାରିଖରେ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ପ୍ରଥମ କିସ୍ତିର ୫ମ ପର୍ଯ୍ୟାୟ ଟଙ୍କା। ଏହି ପର୍ଯ୍ୟାୟରେ ଲକ୍ଷେ ୭୦ ହଜାର ମହିଳା ସୁଭଦ୍ରା ଟଙ୍କା ପାଇବେ । ସେହିଭଳି ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବ। ହିତାଧିକାରୀଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳି ସାରିଛି। ଏବେ ୬ ତାରିଖରେ ୫ ପର୍ଯ୍ୟାୟ ଟଙ୍କା ମିଳିବ। ଚଳିତ ବର୍ଷ ମହିଳା ହିତାଧିକାରୀମାନେ ୩ ଥର ପାଇବେ ସୁଭଦ୍ରା ଟଙ୍କା। ମାର୍ଚ୍ଚ ୮ ଓ ରକ୍ଷା ବନ୍ଧନରେ ବି ସୁଭଦ୍ରା ଟଙ୍କା ମିଳିବ।

## ଗ୍ରାମାଞ୍ଚଳରେ ଯାହାର ମାସିକ ଆୟ ୧୦ ହଜାର ସେମାନେ ରାସନ୍‌କାର୍ଡ ଫେରାନ୍ତୁ'

ଭୁବନେଶ୍ୱର, ୨/୩: ରାସନ୍‌କାର୍ଡ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜ ଆଡୁ ଜନସାଧାରଣଙ୍କ ନିକଟରେ ଅପିଲ୍ କରିଛନ୍ତି। ଯେଉଁମାନେ ଅସାଧୁ ଭାବେ ରାସନ୍‌କାର୍ଡ ହାତେଇଛନ୍ତି, ସେମାନେ କାର୍ଯ୍ୟାନୁଷ୍ଠାନ ପରିସରକୁ ନଆସନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ଗ୍ରାମାଞ୍ଚଳରେ ଯେଉଁମାନଙ୍କର ମାସିକ ଆୟ ୧୦ ହଜାର ଟଙ୍କା ସେମାନେ ତୁରନ୍ତ



କାର୍ଡ ଫେରାଇ ଦିଅନ୍ତୁ। ସହରାଞ୍ଚଳରେ ଯେଉଁମାନଙ୍କର ମାସକ ୧୫ ହଜାର ଟଙ୍କା ରୋଜଗାର କରୁଛନ୍ତି, ସେମାନେ ମଧ ପାଖରେ ରାସନ୍‌କାର୍ଡ ରଖନ୍ତୁ ନାହିଁ। ବେଆଇନ୍ ଭାବେ ରାସନ୍‌କାର୍ଡ ହାତେଇଥିବା ଲୋକଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେବେ। ସରକାରୀ କାର୍ଯ୍ୟାନୁଷ୍ଠାନର ଶିକାର ହେବା ପୂର୍ବରୁ ଅଯୋଗ୍ୟ ହିତାଧିକାରୀମାନେ ରାସନ୍‌କାର୍ଡ ଫେରାଇ ଦିଅନ୍ତୁ। ସୂଚନାଯୋଗ୍ୟ, କାଲି ପୋର୍ଟାଲ ଖୋଲିବା ପରେ ଦେଢ଼ ହଜାର ଆବେଦନ ହୋଇଛି। ପୂର୍ବରୁ ୬ ଲକ୍ଷ ଆବେଦନକାରୀ ରାସନକାର୍ଡ ଅପେକ୍ଷାରେ ଅଛନ୍ତି। ୮୦ ହଜାର ଅଯୋଗ୍ୟ ହିତାଧିକାରୀ ୧୨ ହଜାର କାର୍ଡ ଫେରାଇ ସାରିଛନ୍ତି। ସାଢେ ୪ ହଜାର ସରକାରୀ କର୍ମଚାରୀ ମଧ କାର୍ଡ ଫେରାଇଛନ୍ତି। ଗ୍ରାମାଞ୍ଚଳରେ ଯେଉଁମାନଙ୍କର ମାସିକ ଆୟ ୧୦ ହଜାର ଟଙ୍କା ସେମାନେ ତୁରନ୍ତ କାର୍ଡ ଫେରାଇ ଦିଅନ୍ତୁ। ସହରାଞ୍ଚଳରେ ଯେଉଁମାନଙ୍କର ମାସକ ୧୫ ହଜାର ଟଙ୍କା ରୋଜଗାର କରୁଛନ୍ତି, ସେମାନେ ମଧ ପାଖରେ ରାସନ୍‌କାର୍ଡ ରଖନ୍ତୁ ନାହିଁ। ବେଆଇନ୍ ଭାବେ ରାସନ୍‌କାର୍ଡ ହାତେଇଥିବା ଲୋକଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେବେ। ରାଜ୍ୟରେ ଲକ୍ଷାଧିକ ଲୋକ ଅସାଧୁ ଉପାୟରେ ରାସନ୍‌କାର୍ଡ ହୋତେଇଛନ୍ତି। ରାଜ୍ୟ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଗତବର୍ଷ ଅଗଷ୍ଟ ମାସରୁ ଜାରି ରଖିଛନ୍ତି। ଇ-କେୱାଇସି ମାଧ୍ୟମରେ ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରୁଛନ୍ତି। ଏହାରି ମଧ୍ୟରେ ରାଜ୍ୟ ସରକାର ଇ-କେୱାଇସି ପାଇଁ ମାର୍ଚ୍ଚ ୩୧ ତାରିଖକୁ ଅନ୍ତିମ ସମୟ ନିର୍ଦ୍ଧାରଣ କରିଛନ୍ତି। ତେବେ ସରକାରୀ କାର୍ଯ୍ୟାନୁଷ୍ଠାନର ଶିକାର ହେବା ପୂର୍ବରୁ ଅନେକ ଲୋକ ରାସନ୍‌କାର୍ଡ ଫେରାଇ ଦେଉଥିବା ମଧ ଦୃଷ୍ଟିଗୋଚର ହେଉଛି।

## କିଚକେଶ୍ୱରୀ ମନ୍ଦିରର ବିକାଶ ଏବଂ ଉନ୍ନତିକରଣ ପାଇଁ ୫୦ କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨/୩: ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଖିଚିଂ ପ୍ରସିଦ୍ଧ କିଚକେଶ୍ୱରୀ ମନ୍ଦିରର ବିକାଶ ଏବଂ ଉନ୍ନତିକରଣ ପାଇଁ ସମସ୍ତ ବ୍ୟବସ୍ଥା କରାଯିବା ସହିତ ଏଥି ନିମନ୍ତେ ଆନୁସଙ୍ଗିକ ୫୦ କୋଟି ଟଙ୍କା ମଂଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଖିଚିଂ ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଘୋଷଣା କରିବା ସହିତ ପାଞ୍ଚପୀଢ଼ ଉପଖଣ୍ଡ ପାଇଁ ପ୍ରାୟ ୬୫ କୋଟି ଟଙ୍କା ର ୫୩ ଟି ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଛନ୍ତି। ଏହି ସାଂସ୍କୃତିକ ମହୋତ୍ସବରେ ନିଜ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ ଏହି ପ୍ରକଳ୍ପ ମଧ୍ୟରେ ମହିଳା ସଶକ୍ତିକରଣ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ସଂସ୍କୃତି କ୍ଷେତ୍ର ଇତ୍ୟାଦି ରହିଛି । ଆଗାମୀ ଦିନରେ ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ ହେଲେ ସମଗ୍ର ପାଞ୍ଚପିଢ଼ ଅଞ୍ଚଳର ବିକାଶ ଘଟିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ୧୨ ବର୍ଷରେ ପଦାର୍ପଣ କରିଥିବା ଏହି ସାଂସ୍କୃତିକ ମହୋତ୍ସବ ଆଜି କେବଳ ଖିଚିଙ୍ଗ ନୁହେଁ, ମୟୂରଭଞ୍ଜ ଏବଂ ସାରା ରାଜ୍ୟର ମନ ମୋହିଛି। ଆଦିବାସୀ ଅଧୁଷିତ ବନାଞ୍ଚଳ ପ୍ରବଣ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ପଂଚପୀଢ଼ ଉପଖଣ୍ଡର ଖିଚିଂ କଳା ଓ ସଂସ୍କୃତି ପରିପୁଷ୍ଟ ଏକ ସମୃଦ୍ଧ କ୍ଷେତ୍ର । ଏହି କିଚକେଶ୍ୱରୀ ପୀଠ ମାଟିରେ ପ୍ରତିବର୍ଷ ପାଳନ କରାଯାଉଥିବା ଖିଚିଂ ମହୋତ୍ସବ କେବଳ ମୟୂରଭଞ୍ଜ ଜିଲ୍ଲା ନୁହେଁ ପଡୋଶୀ ଜିଲ୍ଲା କେଉଁଝର ପାଇଁ ମଧ ଏକ ପରମ୍ପରାରେ ପରିଣତ ହୋଇ ସାରିଛି । ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଖିଚିଂରେ କଳା, ସଂସ୍କୃତି ଓ ପରମ୍ପରା ବହନ କରୁଥିବା ଶିଳ୍ପୀଙ୍କ କଳା ମୁଗୁନି ପଥର କାରୁକାର୍ଯ୍ୟ ଅତ୍ୟନ୍ତ ମନୋରମ । ଆମ ସରକାର, ତୀର୍ଥଯାତ୍ରା ଓ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ସର୍ବଦା ଚେଷ୍ଟିତ । କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରେ ଆମ ଖିଚିଂ ମନ୍ଦିର ମଧ ସ୍ଥାନିତ ହୋଇଛି। ଯେଉଁଥିରେ ବିଶେଷ ସୁବିଧା ମାନଙ୍କ ମଧ୍ୟରେ ପାର୍କିଂ, ରାସ୍ତା, ଶୌଚାଳୟ, ଆଲୋକୀକରଣ, ପର୍ଯ୍ୟଟନ ସୂଚନା କେନ୍ଦ୍ର ଅନ୍ତର୍ଭୁକ୍ତ ହେବ । ଏହା ମଧ ଆତିଥ୍ୟ, ଟୁର୍ ଗାଇଡ୍ ଏବଂ ପରିବହନ ପରି କ୍ଷେତ୍ରଗୁଡିକରେ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ଯୋଗାଇବ। ମହାମହିମ ରାଷ୍ଟ୍ରପତି ପୂର୍ବରୁ ମାଆ କିଚକେଶ୍ୱରୀ ମନ୍ଦିରର ଉନ୍ନତିକରଣ ପାଇଁ ୫୨ କୋଟି ମଂଜୁର କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଆହୁରି ୫୦ କୋଟି ଟଙ୍କା ମିଶାଇ ସମୁଦାୟ ୧୦୨ କୋଟି ଟଙ୍କା ମଂଜୁର ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ପର୍ଯ୍ୟଟନ, ଓଡ଼ିଶାର ଅର୍ଥନୈତିକ ବିକାଶ ଓ ନିଯୁକ୍ତି ସୃଷ୍ଟିର ଏକ ପ୍ରମୁଖ ଚାଳକ। ଏଣୁ ଏକ ସନ୍ତୁଳିତ ଏବଂ ସମାବେଶୀ ଦୃଷ୍ଟିଭଙ୍ଗୀରେ ପର୍ଯ୍ୟଟନ ଭିତ୍ତିଭୂମିର ସମନ୍ୱୟ ବିକାଶ ଓ ପରିଚାଳନା ପାଇଁ ୩ ଶହ



୫୫ କୋଟି ଟଙ୍କା ବ୍ୟୟ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏଥିରେ ଆମ ଖିଚିଂ ମନ୍ଦିର ଏବଂ ଏହି ଅଂଚଳର ବିକାଶ ସମେତ ଶିମିଳିପାଳର ସମନ୍ୱିତ ବିକାଶ ପାଇଁ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମରେ କାର୍ଯ୍ୟକାରୀ କରାଯିବ । ଓଡ଼ିଶାର ଐତିହ୍ୟକୁ ପାଳନ କରିବା ଏବଂ ନିବେଶ ସୁଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ୧୦ଟି ଜିଲ୍ଲାରେ ଜିଲ୍ଲା ଐତିହ୍ୟ ଓ ପର୍ଯ୍ୟଟନ କମ୍ପ୍ଲେକ୍ସ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେଯେ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୫୯ ପ୍ରତିଶତ ହେଉଛନ୍ତି ଆଦିବାସୀ ସଂପ୍ରଦାୟର, ସେମାନଙ୍କ ଉନ୍ନତି ବିନା ଜିଲ୍ଲାର ଉନ୍ନତି ଅସମ୍ଭବ। ରାଜ୍ୟରେ ମଧ ପ୍ରାୟ ଏକ-ଚତୁର୍ଥାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଗତ ଦଶ ବର୍ଷରେ ଜନଜାତି କଲ୍ୟାଣ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ଭଗବାନ ବୀର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜାତୀୟ ଜନଜାତି ଗୌରବ ଦିବସଭାବେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଘୋଷଣା କରିଛନ୍ତି। ଏଥି ସହିତ ଅନେକ ବିକାଶମୂଳକ କାର୍ଯ୍ୟ ଯେପରିକି PM-JANMAN, ଧର୍‌ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା, ଘରବାଡି ଅଧିକାର ଦେବାପାଇଁ ସ୍ୱାମିତ୍ୱ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେଯେ କଥା ଦେଇ କଥା ରଖିବାର ପରମ୍ପରା ଆମ ନୂଆ ସରକାର ଆରମ୍ଭ କରିଛି ଏବଂ ଏହି ପରିପ୍ରେକ୍ଷୀରେ ରାଜ୍ୟର ସର୍ବାଙ୍ଗୀନ ବିକାଶ ହେଉଛି ଆମ ସରକାରର ମୂଳ ଲକ୍ଷ୍ୟ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ଲୋକସଭା ସାଂସଦ ଶ୍ରୀ ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, କରଞ୍ଜିଆ ବିଧାୟକ ଶ୍ରୀ ପଦ୍ମ ଚରଣ ହାଇବୁରୁ, ବିଧାୟକ, ପାଟଣା, ଅଖିଳ ଚନ୍ଦ୍ର ନାୟକ, ଏବଂ ବିଧାୟକ ତେଲକୋଇ ଡଃ ଫକୀର ମୋହନ ନାଏକ ଉଦବୋଧନ ଦେଇ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ପ୍ରଶଂସା କରିଛନ୍ତି ଓ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଗରିବଙ୍କୁ ଉପହାସ 'ଅନ୍ତ୍ୟୋଦୟ'

## ଲକ୍ଷେ ୨୦ହଜାରରେ କେମିତି ହେବ ୩୦୦ ବର୍ଗଫୁଟର ଘର ?

ଭୁବନେଶ୍ୱର, ୨/୩: ରାଜ୍ୟ ସରକାର ଭୂମିହୀନ, ବାସହୀନଙ୍କୁ ପକ୍କା ଘର ଯୋଗାଇ ଦେବାକୁ 'ଅନ୍ତ୍ୟୋଦୟ ଯୋଜନା' ଆରମ୍ଭ କରିଛନ୍ତି। ଉଦ୍ଦେଶ୍ୟ ସମସ୍ତଙ୍କ ମୁଣ୍ଡ ଉପରେ ଛାତ ରହିବ। ଏଥିପାଇଁ ୨୫ ବର୍ଗ ମିଟର ବା ୨୭୦ ବର୍ଗ ଫୁଟର ଘର କରିବାକୁ ୧ଲକ୍ଷ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ଦେବେ। ହେଲେ ଏତିକି ଟଙ୍କାରେ ଜଣେ ଗରିବ ଲୋକ କ'ଣ ପକ୍କାଘରଟିଏ କରିପାରିବ ? ଅନ୍ତ୍ୟୋଦୟ ଯୋଜନା ଗରିବଙ୍କ ପ୍ରତି ସରକାରଙ୍କ 'ଉପହାସ' ନୁହେଁ କି ? ନିୟମ କରିଛନ୍ତି, ଘରର କାର୍ପେଟ ଅଞ୍ଚଳ ସର୍ବନିମ୍ନ ୨୫ ବର୍ଗମିଟର ହେବ। ଅର୍ଥାତ୍ ଘରର କାନ୍ଥକୁ ଛାଡ଼ି ଘର ଭିତରେ ଚଳିବା ପାଇଁ ଯେତିକି ଅଞ୍ଚଳ ରହିବ ତାହା ୨୭୦ବର୍ଗଫୁଟର ହୋଇଥିବା ଦରକାର। ଚାରିପଟର କାନ୍ଥ ଯଦି ମିଶିବ ତେବେ ଏହା ୩୦୦ ବର୍ଗଫୁଟ ଟପିଯିବ। ଅର୍ଥାତ୍, ୩୦୦ବର୍ଗଫୁଟର ଘର କରିବାକୁ ୧ଲକ୍ଷ ୨୦ହଜାର ଟଙ୍କା ମିଳିବ। ପ୍ରଶ୍ନ ଉଠିବାର କାରଣ ହେଉଛି, ଖୋଦ୍ ରାଜ୍ୟ ସରକାର ଯେଉଁ ସରକାରୀ କୋଠା ନିର୍ମାଣ କରୁଛନ୍ତି ସେଥିପାଇଁ ପ୍ରତି ବର୍ଗଫୁଟ ପିଛା ୧୬୦୦ରୁ ୧୮୦୦ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଗରିବ ଲୋକଟି ପାଇଁ ବର୍ଗଫୁଟ ପିଛା ୪୦୦ଟଙ୍କାରେ ଧାର୍ଯ୍ୟ ହେଉଛି। ଆହୁରି ସରଳ ଭାବେ କହିଲେ, ଏହି ୩୦୦ବର୍ଗଫୁଟର ଘରଟିଏ ନିର୍ମାଣ କରିବାକୁ ରାଜ୍ୟ ସରକାର ଯଦି ଟେଣ୍ଡର ଡାକିବେ ତେବେ ପ୍ରତି ବର୍ଗଫୁଟ ପିଛା ସର୍ବନିମ୍ନ ୧୬୦୦ଟଙ୍କା ହିସାବରେ ୪ଲକ୍ଷ ୮୦ହଜାର ଟଙ୍କା ଖର୍ଚ୍ଚ କରିବେ। ବିଡ଼ମ୍ବନାର ବିଷୟ ସେହି ସମାନ ଘରକୁ ଜଣେ ଗରିବ ଲୋକକୁ ୧ଲକ୍ଷ ୨୦ହଜାର ଟଙ୍କାରେ କରିବାକୁ କୁହାଯାଉଛି। ଏମିତିରେ ବି ମନ୍ତ୍ରୀ, ସଚିବ ଏବଂ ବରିଷ୍ଠ ଅଧିକାରୀମାନଙ୍କ ଶୌଚାଳୟ ନିର୍ମାଣ କ୍ଷେତ୍ରରେ ପ୍ରାୟ ୧ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଯନ୍ତ୍ରୀମାନଙ୍କର କହିବା କଥା ହେଲା, ଜଣେ ୩୦୦ଫୁଟର ଛାତଘର ପାଇଁ ୬ଟି ପିଲାର୍, ଡିପିସି, ବିମ୍ ପକାଇ ଛାତ ପକାଇଲେ ୪ଲକ୍ଷ ଟଙ୍କାରୁ କମ୍ ଖର୍ଚ୍ଚ ହେବନି। ହିସାବ ଦେଖିଲେ ବଜାରରେ ଏବେ ବାଲି ଟ୍ରିପ୍ ୧୧ହଜାର ଟଙ୍କା, ଲୁହା ଛଡ଼ କ୍ୱିଣ୍ଟାଲ ୫ହଜାର ଟଙ୍କା, ଗୋଡ଼ି ଟ୍ରିପ୍ ୩୦ହଜାର ଟଙ୍କା, ଇଟା ୧୨୦୦କୁ ୧୨୦୦୦ ଟଙ୍କା, ସିମେଣ୍ଟ ବସ୍ତା ୩୫୦ଟଙ୍କାରୁ କମ୍ ନାହିଁ। ଏଥିରେ ୩୦୦ ବର୍ଗଫୁଟର ଘରଟିଏ କଲେ ୧୫୦ବସ୍ତା ସିମେଣ୍ଟ ପାଇଁ ୫୨୫୦୦ ଟଙ୍କା, ବାଲି ୩ଟ୍ରିପ୍ ପାଇଁ ୩୩ହଜାର, ଲୁହାଛଡ଼ ୭.୫କ୍ୱିଣ୍ଟାଲ ପାଇଁ ୪୦ହଜାର, ଗୋଡ଼ି ୨ଟ୍ରିପ୍‌କୁ ୬୦ହଜାର, ଇଟା ୭ହଜାରକୁ ୮୪ହଜାର ଟଙ୍କା, ଘର ତିଆରି ମଜୁରି ୫୦ହଜାର, ଘରର ନିଅଁ ଖୋଳା ପାଇଁ ୫ହଜାର, ଘର ତିଆରି ସରିବା ପରେ ରଙ୍ଗ, ଇଲେକ୍ଟ୍ରିକ୍ କାମ, କବାଟ, ଚଉକାଠ, ଝରକା ଏବଂ



ଅନ୍ୟାନ୍ୟ ବାବଦକୁ ୮୦ହଜାର ଟଙ୍କା ଧରିଲେ ୪ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହେବ ପଛେ ଟଙ୍କାଟିଏ କମ୍ ଖର୍ଚ୍ଚ ହେବନି। ହିସାବରେ ଯଦି ପିଲାର କରିବନି, ଡିପିସି ପକାଇବନି ତେବେ ଖର୍ଚ୍ଚ ପ୍ରାୟ ଲକ୍ଷେ ଟଙ୍କା କମିଯିବ। ୪ଲକ୍ଷ ଜାଗାରେ ୩ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ହେଲେ ଓଡ଼ିଶାର ଜଳବାୟୁ ଓ ଭୌଗୋଳିକ ସ୍ଥିତି ଯାହା, ହଠାତ୍ ପ୍ରବଳ ଖରା, ପ୍ରବଳ ବର୍ଷା, ଭୂ-କମ୍ପ ଜୋନ୍‌ରେ ୧୫ରୁ ଅଧିକ ଜିଲ୍ଲା ରହୁଥିବାରୁ ଯେଉଁ ଘର ନିର୍ମାଣ ହେବ ତାହା ୪ରୁ ୫ବର୍ଷରେ ଭାଙ୍ଗିବା ଥୟ। ଛାତ ଫାଟିବା ସହ କାନ୍ଥ ଫାଟି ଘର ଦବିବ। ବିନା ପିଲାର ଓ ଡିପିସିରେ ଘରଟିଏ କଲେ ଏହା ଉପରେ ଆଉ ଘର କରିହେବନି। ଅର୍ଥାତ୍ ଯେଉଁ ଗରିବ ବାସହୀନ ଓ ଭୂମିହୀନ ଲୋକଟିଏ ସରକାରଙ୍କ ସହାୟତାରେ ଆଜି ଘରଟିଏ କରିଛି, ଭବିଷ୍ୟତରେ ଯଦି ସେ ସ୍ୱଚ୍ଛଳ ହେବେ ତେବେ ସେ ସେହି ଘରେ ରହିବାକୁ ବାଧ ହେବ। ଯେଉଁ ଗରିବକୁ ସେହି ଗରିବ ହୋଇ ରହିବ। ରାଜ୍ୟ ସରକାର ନିୟମ କରିଛନ୍ତି ୩ଟି କିସ୍ତିରେ ହିତାଧିକାରୀଙ୍କୁ ଏହି ୧ଲକ୍ଷ ୨୦ହଜାର ଟଙ୍କା ମିଳିବ। ୱାର୍କ ଅର୍ଡର ଦେବା ବେଳେ ୪୦ହଜାର ଟଙ୍କା, ଛାତ ପର୍ଯ୍ୟନ୍ତ କାନ୍ଥ ଉଠିଲେ ୬୫ହଜାର ଟଙ୍କା, ଘର ସରିଲେ ୧୫ହଜାର ଟଙ୍କରା ମିଳିବ। ଯେଉଁଟି ଘର କରିବାକୁ ପ୍ରାୟ ୪ଲକ୍ଷ ଟଙ୍କା ଖର୍ଚ୍ଚ ହେବ ସେଠାରେ ସରକାର ଘର କରିବା ଭିତରେ ୧ଲକ୍ଷ ୫ହଜାର ଟଙ୍କା ଦେବେ। ଘର କରିସାରିଲେ ବାକି ୧୫ହଜାର। ଏହାସହ ଘୋଷଣା କରିଛନ୍ତି ଯଦି ପ୍ରଥମ କିସ୍ତି ନେବାର ୪ମାସରେ ଘର ସରିବ ତେବେ ୨୦ହଜାର, ୬ମାସରେ ସରିଲେ ୧୦ହଜାର ଟଙ୍କା ଅଧିକ ସହାୟତା ମିଳିବ। ଗରିବ ଲୋକଟିର ଜମି ନଥିବ କିମ୍ବା ଜମି ଥାଇ ବି ଯଦି ଝୁମ୍ପୁଡ଼ି ଘରେ ରହୁଥିବ; ତାହା ଯଦି ବାତ୍ୟା, ବନ୍ୟାରେ ପୂରା ଭାଙ୍ଗିଗଲା, ନିଆଁ ଲାଗି ପୋଡ଼ି ଗଲା କି ଦଙ୍ଗା ବା କୌଣସି କାରଣରୁ ନଷ୍ଟ ହୋଇଗଲା ତା'ର ତ ସର୍ବସ୍ୱ ଚାଲିଯିବ। ଏହିଭଳି ଲୋକକୁ କିଏ ଘର କରିବାକୁ କରଜ ଦେବ ଯେ ସେ ଲକ୍ଷେ ୫ହଜାର ଟଙ୍କାରେ ଘର କରିଦେବ ? ଯିଏ ଭୂମିହୀନ, ସର୍ବହରା ସେ ସରକାରଙ୍କ ୧ଲକ୍ଷ ୨୦ହଜାର ଟଙ୍କାରେ ଆଉ କେତେ ଟଙ୍କା ମିଶାଇଲେ ଛାତ ଘର କରିପାରିବ ସରକାର ହିସାବ କରିଛନ୍ତି ତ ! ଯେ ରାଜ୍ୟ ସରକାର ଅନ୍ତ୍ୟୋଦୟ ଯୋଜନାରେ ୨୦୨୫-୨୬ରେ ୭୫ହଜାର ଘର ଆବଣ୍ଟନ କରିବାକୁ ଟାର୍ଗେଟ୍ ରଖିଥିବାବେଳେ ଏଥିପାଇଁ ୨୬୦୩କୋଟି ଟଙ୍କା ବଜେଟ୍‌ରେ ବରାଦ ହୋଇଛି। ୩ବର୍ଷରେ ଏହି ଯୋଜନାରେ ୨ଲକ୍ଷ ୨୫ହଜାର ଘର ଆବଣ୍ଟନ ହେବାକୁ ଥିବାବେଳେ ଏଥିପାଇଁ ୭୫୫୦କୋଟି ଟଙ୍କାର ଖର୍ଚ୍ଚ ଅଟକଳ ହୋଇଛି।

# ଜର୍ଜ ହାଇସ୍କୁଲରେ ଶତପ୍ରତିଶତ ପରୀକ୍ଷାର୍ଥୀ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଫଳ ଉଦ୍ୟମ



ବରଗଡ଼, : ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ଉପସ୍ଥାନ ପାଇଁ ଜର୍ଜ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଳିଷ୍ଠ ପ୍ରୟାସ ବରଗଡ଼(ଏମଡି ଅସଲମ)-ଶିକ୍ଷା ଗ୍ରହଣ ଏବଂ ପରୀକ୍ଷା ପ୍ରତି ବିମୁଖ ହୋଇଥିବା ସମାଜର ନିଷ୍ପେସିତ ପରିବାରର ଛାତ୍ର ମାନଙ୍କୁ ଜୀବନର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ଜର୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ଙ୍କ ପ୍ରେରଣାରେ ଶିକ୍ଷକ ସୁରେଶ କୁମାର ଦାଶ, ଭରତ ମେହେର, ଦୁଷ୍ମନ୍ତ ଭୋଇ, ହରିଶ ପାତ୍ର, ସଦାନନ୍ଦ ଜାଲ, ସୁରେନ୍ଦ୍ର ନାଥ ସେନାପତି ପ୍ରମୁଖ ଦଶମ ଶ୍ରେଣୀର ଛାତ୍ର ମାନଙ୍କ ଘରକୁ ଘର ଯାଇ ସଚେତନାତ୍ମକ ମାର୍ଗ ପ୍ରଦର୍ଶନ କରିଥିଲେ । ପରୀକ୍ଷା ପ୍ରତି ବିମୁଖ ଦଶମ ଶ୍ରେଣୀର ଛାତ୍ର ଅନୁଜ, ଶିବା, ସୁମନ୍ତ, ଶଙ୍କର ଙ୍କୁ ପରୀକ୍ଷା ଦେବା ପାଇଁ ଦୃଢ ନିଶ୍ଚିତ କରାଇବା ସହିତ ଦ୍ୱିତୀୟ ଦିନର ମାଟ୍ରିକ ପରୀକ୍ଷା ରେ ଶତପ୍ରତିଶତ ଉପସ୍ଥାନ କରାଇବାରେ ସଫଳ ହୋଇପାରିଛନ୍ତି । ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଏହି ବଳିଷ୍ଠ ପ୍ରୟାସ ପାଇଁ ବରଗଡ଼ ଜନସାଧାରଣ ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଭୂୟସୀ ପ୍ରଶଂସା କରୁଛନ୍ତି !

# ପିଏମ କିଷାନ ସମ୍ମାନ ନିଧି' ୧୯ ତମ କିସ୍ତି ,ବିହାରରୁ କୃଷକଙ୍କୁ ଭେଟି ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଉମରକୋଟ ୯.୮୦ କୋଟିରୁ ଉର୍ଦ୍ଧ୍ୱ କୃଷକଙ୍କ ଖାତାକୁ ଗଲା ୨୨ ହଜାର କୋଟି ଟଙ୍କା

ଉମରକୋଟ(ଜୀତେନ୍ଦ୍ର) ୨୫/୨/୨୫- ପିଏମ କିଷାନ ସମ୍ମାନ ନିଧି ର ୧୯ ତମ କିସ୍ତି ପ୍ରଦାନ କରାଯାଇଛି । କୃଷକଙ୍କ ଖାତାକୁ ସିଧାସଳଖ ଯିବ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି'ର ୧୯ ତମ କିସ୍ତି ।ବିହାରର ଭାଗଲପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଏହି ରାଶି ଚାଷୀଙ୍କ ଖାତାକୁ ଟ୍ରାନ୍ସଫର କରଛନ୍ତି । ଦେଶର ବିଭିନ୍ନ ରାଜ୍ୟର ୯.୮୦ କୋଟିରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ 'ଡିବିଟି' ମାଧ୍ୟମରେ ୨୨ ହଜାର କୋଟି ଟଙ୍କା ଟ୍ରାନ୍ସଫର ହୋଇଛି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ବା 'ପିଏମ




କିଷାନ' ଅଧୀନରେ ଦେଶର କୃଷକମାନଙ୍କୁ ବାର୍ଷିକ ୬ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି କେନ୍ଦ୍ର ସରକାର । ପ୍ରତ୍ୟେକ ୪ ମାସ ବ୍ୟବଧାନରେ ବାର୍ଷିକ ୩ କିସ୍ତିରେ କୃଷକଙ୍କ ଆକାଉଣ୍ଟକୁ ପ୍ରତ୍ୟେକ ଦୁଇ ହଜାର ଟଙ୍କା ପଠାଯାଉଛି । ଏହି କେନ୍ଦ୍ରୀୟ ଯୋଜନା ଏବେ ୧୯ ତମ କିସ୍ତିରେ ପହଞ୍ଚିଛି । ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ସ୍ତରୀୟ ପିଏମ କିସାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡଃ ଶଶାଙ୍କ ଲେଙ୍କା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମ ସିଧା ପ୍ରସାରଣ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକର ୨୫୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ ଥିବାବେଳେ ଉମରକୋଟ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ୧୦୦ ରୁ ଉର୍ଦ୍ଧ୍ୱ କୃଷକ ଯୋଗଦେଇ ଥିଲେ ! ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଜନା ସମ୍ପର୍କରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି 'ପିଏମ କିଷାନ' ଯୋଜନା ହେଉଛି ଏକ କେନ୍ଦ୍ରୀୟ କୃଷି କଲ୍ୟାଣ ଯୋଜନା, ଯାହାକୁ ସରକାର ୨୦୧୯ ଫେବୃଆରୀରେ ଆରମ୍ଭ କରିଥିଲେ । ଏହି ଯୋଜନା ଅଧୀନରେ ଚାଷୀଙ୍କୁ ବାର୍ଷିକ ତିନୋଟି କିସ୍ତିରେ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ସିଧାସଳଖ ବେନିଫିଟ ଟ୍ରାନ୍ସଫର (ଡଇଞ୍ଜ) ମୋଡରେ ଯୋଗ୍ୟ ଚାଷୀଙ୍କ ଖାତାକୁ ଏହି ରାଶି ହସ୍ତାନ୍ତର ହେଉଛି । ଏହି ଯୋଜନା ହେଉଛି ବିଶ୍ୱର ସର୍ବବୃହତ୍ତ ଡଇଞ୍ଜ ଯୋଜନା ମଧ୍ୟ । ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ୧୮ ଟି କିସ୍ତିରେ ୧୧ କୋଟିରୁ ଅଧିକ ଚାଷୀଙ୍କ ଖାତାକୁ ପ୍ରାୟ୩.୨୪ ଲକ୍ଷ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି ଏହା ମାଧ୍ୟମରେ ଓଡ଼ିଶାର ୩୪.୯୮ ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ପରିତୋଷ ମୁର୍ମୁ, ବୀଣାପାଣି ତରିଆ,ରତି ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ସଂସ୍ଥାନ (ଡି ଆଇ ଇ ଟି) ତରଫରୁ ମେଗା ରକ୍ତଦାନ ଶିବିର ଆୟୋଜିତ



ଦାମନଯୋଡି/ଜୟପୁର;- ଜିଲ୍ଲା ଶିକ୍ଷ୍ୟା ପ୍ରଶିକ୍ଷଣ ସଂସ୍ଥାନ (ଡି ଆଇ ଇ ଟି) ଓ ଏଫ୍. ବି. ଡି. ଓ. ଓର ମିଳିତ ଆନୁକୁଲ୍ୟରେ ଡି ଆଇ ଇ ଟିର ଅଡିଟୋରିଅମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ରୁପଚନ୍ଦ୍ର ସୋରେନ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ରିବନ କାଟି ଆନୁଷ୍ଠାନିକ ଭାବେ ଉଦଘାଟିତ କରିଥଲେ। ୱାଇଆରସି ର କାଉନସିଲର ବରିଷ୍ଠ ଶିକ୍ଷୟତ୍ରୀ ସୁଭସ୍ମିତା ଦାସ ଏହି ଶିବିର ପରିଚାଳନା କରିଥିଲେ। ଓଡିଶା ବ୍ଲଡ଼ ସେଣ୍ଟର ଶହିଦ ଲକ୍ଷ୍ମଣ ନାୟକ ଭେଷଜମହାବିଦ୍ୟାଳୟ ଓ ହସପିଟାଲର ବ୍ଲଡ଼ ସେଣ୍ଟର ଅଧିକାରୀ ଡ଼ାଃ ମଧୁସୂଦନ ବଳିଆର୍ସିଂ ଓ ତାଙ୍କ ଟିମ୍ ଭି ଗଙ୍ଗାଧର, ରବୀନ୍ଦ୍ର ୫୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସୁଭସ୍ମିତଷ ଦାସ ଓ ବ୍ରହ୍ମା ଦେବ୍ ଟୁଡୁଙ୍କ ସମେତ ଡି ଆଇ ଇ ଟି ର ସମସ୍ତ ଶିକ୍ଷକ ଓ ରକ୍ତଦାତା ମହାସଂଘର ପ୍ରମୋଦ ରାଉଳ ଏଂ ନିରଂଜନ ପାଣିଗ୍ରାହୀ ଶିବିର ପରିଚାଳନା କରିଥିଲେ। ଉକ୍ତ ଶିବିରରୁ ସର୍ବମୋଟ୍ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରଯାଇଥିଲା ସେ ମଧ୍ୟରୁ ୪୧ଜଣ ପ୍ରଥମଥର ପାଇଁ ଆଜି ରକ୍ତଦାନ କରିଥଲେ। ଉକ୍ତ ଶିବିର ନିମନ୍ତେ ଗତକାଲି ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶା ରକ୍ତଦାତା ମହାସଂଘ ପକ୍ଷରୁ ନିରଞ୍ଜନ ପାଣିଗ୍ରାହୀ ଓ ପ୍ରମୋଦ କୁମାର ରାଉଳ ସମ୍ମାନିତ ଅତିଥିଭାବରେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ କିପରି ବହୁ ସଂଖ୍ୟାରେ ସଡ଼କ ଦୁର୍ଘଟଣା ଜନିତ ଏମର୍ଜେନ୍ସି ସମୟରେ ରକ୍ତ ଅଭାବ ଯୋଗୁଁ କିପରି ବହୁ ଅମୂଲ୍ୟ ଜୀବନ ଚଳିଯାଇଥକ୍ଷଏ ତଥା ସିକିଲ ସେଲ, ଥାଲାସେମିଆ, ଗର୍ଭବତୀ ମହିଳା ଓ କ୍ୟାନସର ରୋଗୀଙ୍କ ନିମନ୍ତେ ରକ୍ତଦାନ ପାଇଁ ପ୍ରବର୍ତ୍ତାଇଥିଲେ । ଏଥିରେ ସମସ୍ତ ଛାତ୍ର ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଫେଡେରେସନ ଅଫ ବ୍ଲଡ଼ ଡୋନର ଅର୍ଗାନାଇଯେସନ ଅଫ ଓଡ଼ିଶା ତରଫରୁ ଆବଶ୍ୟକୀୟ ସହାୟତା ପ୍ରଦାନ କରଯାଇଥିଲା।

# ତିର୍ତ୍ତୋଲ ପଞ୍ଚାୟତ ସମିତି ର ସ୍ୱତନ୍ତ୍ର ଅଧିବେଶନ : ଯୋଗଦେଲେ ମନ୍ତ୍ରୀ ଓ ସାଂସଦ

ଜଗତସିଂହପୁର, : ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ର ସଭାଗୃହ ରେ ଗତ ମଙ୍ଗଳବାର ଦିନ ଅପରାହ୍ନରେ , ତିର୍ତ୍ତୋଲ ପଞ୍ଚାୟତ ସମିତି ର ଏକ ସ୍ୱତନ୍ତ୍ର ଅଧିବେଶନ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ଅଧିବେଶନ ରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ, ମାନ୍ୟବର ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଓ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଯୋଗଦେଇଥିବା ବେଳେ ବ୍ଲକ ବିଡ଼ିଓ ଗିରିଜା ଶଙ୍କର ମଲ୍ଲିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିରିକ୍ତ ବିଡିଓ ନିମନ୍ତ୍ରିତ ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ମଞ୍ଚାସିନ ହେବାପାଇଁ ଆମନ୍ତ୍ରଣ କରିବାପରେ, ଜଗତସିଂହପୁର ଜିଲ୍ଲାପରିଷଦ ଉପାଧକ୍ଷକ୍ଷ ସୁଜାତା ମହାନ୍ତି, ବ୍ଲକ ଉପାଧକ୍ଷକ୍ଷ ସନ୍ଧ୍ୟାରାଣୀ ମହାନ୍ତି , ଜିଲ୍ଲାପରିଷଦ ସୁନୀଲ କୁମାର ବେହେରା, ରଞ୍ଜିତା ସିଂହ , ସହକାରୀ



ଯନ୍ତ୍ରୀ ସ୍ମୃତିମୟୀ ଜେନା ଓ ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମୃଦ୍ଧ ଓଡିଶାର ନୂତନ ପରିଭାଷା, ' ବିକଶିତ ଗାଁ ବିକଶିତ ଓଡିଶା ' ବିଷୟରେ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୌଳିକ ଭିତ୍ତିଭୂମି ଓ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ, ଅନୁନ୍ନତ ଜନଜାତିର ବସ ବାସ , କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳର ବିକାଶ ଓ ଉନ୍ନତିକାରଣ , ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ନୂତନ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଆଦି ବିଷୟରେ ତଥ୍ୟ ଭିତ୍ତିକ, ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ସାଂସଦ ଶ୍ରୀ ତରାଇ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି ବିକଶିତ ଓ ସମୃଦ୍ଧ ଭାରତ ଗଠନ ନିମନ୍ତେ, ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥଲେ। ଏହି ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ମାନେ ଉପସ୍ଥିତ ରହି ନିଜ ନିଜ ପଞ୍ଚାୟତ ର ଅଭାବ ଅସୁବିଧା ଓ ସମସ୍ୟା ଉପରେ ଆଲୋଚନା କରି ଏହାର ଆଶୁ ସମାଧାନ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାର ଦେଖିବାକୁ ମିଳିଥିଲା।

# ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

ଉମରକୋଟ( :ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ଗୋଡ ଭାଙ୍ଗି ଯାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଗୁରୁତର ଜଣକ ହେଲେ ଉମରକୋଟ ବ୍ଲକ ସେମଳା ପଞ୍ଚାୟତ ବଡ ବାସିନି ଗ୍ରାମର ନାମୁ ଗଣ୍ଡ(୫୫) ଓ ଆହତ ଜଣକ ହେଲେ କୁମର ଭତରା (୪୨)। ମିଳିଥିବା ସୂଚନା ଅନୁସାରେ ନାମୁ ଓ କୁମର ବାଇକ ଯୋଗେ କୌଣସି କାମରେ ଉମରକୋଟ ଥାନା ଅଧୀନରେ ଥିବା କୋପେନା ଗ୍ରାମ କୁ ଯାଇଥିଲେ। ଘରକୁ ଫେରୁଥିବା ସମୟରେ ଆଦିବାସି ତାରାଗୁଡା ନିକଟରେ ଡାବୁଗାଁ ଥାନା ଅଧୀନରେ ଥିବା ଚାଟିଗୁଡା ଗ୍ରାମର ରାଜୁ ପନକା ବାଇକ୍ ଯୋଗେ ବିପରିତ ଦିଗରୁ ଦୃତ ଗତିରେ ଆସି ଧକ୍କା ଦେଇଥିଲା। ବାଇକ ଧକ୍କା ହେବା ଫଳରେ ଦୁହେଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ନାମୁ ଓ କୁମର କୁ ଉଦ୍ଧାର କରି ଅଟୋ ଯୋଗେ ଉମରକୋଟର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ।ନାମୁ ଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ କୁମରଙ୍କ ଛାତିରେ ଆଘାତ ଲାଗିଛି। ଏନେଇ ପରିବାର ଲୋକଙ୍କୁ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଉତ୍କଳୀୟ ସନାତନ ସନ୍ଥ ପରିଷଦ ଆନୁକୂଲ୍ୟରେ ଦାଶରଥି ବାବା ଙ୍କ ସମାଧି ପ୍ରତିଷ୍ଠା ଓ ସନ୍ଥ ସମ୍ମିଳନୀ




ଜଗତସିଂହପୁର, - ପାରାଦ୍ୱୀପ ତାରିଣିଗଡା ସ୍ଥିତ ରାମଚଣ୍ଡୀ ମଠ ପରିସରରେ ବ୍ରହ୍ମଲିନ ସନ୍ୟାସୀ ଦାଶରଥି ବାବା ଙ୍କ ର ସମାଧି ପ୍ରତିଷ୍ଠା ଓ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ! କଳ୍କୀ ଆଶ୍ରମ ର ପିଠାଧୀଶ ରମେଶ ଚନ୍ଦ୍ର ଦାସ (ବାୟା ବାବା )ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ଙ୍କ ଶିଷ୍ୟ ତଥା ଜ୍ୟୋତିର୍ବିଦ ଡ଼ ଅରୁଣ କୁମାର ପାଣି ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ଶିଶୁଅନନ୍ତ ଆଶ୍ରମ ଅରିଲୋ ର ଟ୍ରଷ୍ଟି ଶ୍ରୀବାସ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ! ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼ ଧୃତିଧର ଦାସ, ସମ୍ମାନିତ ଅତିଥି ଭାବେ ଡ଼ ସୁନାକର ବେହେରା , ବିଜୟାନନ୍ଦ ଦାସପୁରୀ, ମହନ୍ତ ଦୟାନିଧି ଦାସ,ପ୍ରଶନାନନ୍ଦ ଅଧିକାରୀ, ସ୍ୱାମୀ ପ୍ରେମାନନ୍ଦ, ଅଧିକାରୀ ରମାକାନ୍ତ ଦାସ, ବାବା ରାମଚନ୍ଦ୍ର ଦାସ, ରାମଚଣ୍ଡୀ ମଠ ର ସଭାପତି କୈଳାଶ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଯୋଗଦାନ କରିଥିଲେ ଏବଂ ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁନନା )ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ! ସ୍ୱର୍ଗତ ବାବା ଦାଶରଥି ଜଣେ ଅମାୟିକ ପରୋପକାରୀ ବାବା ଥିଲେ ଏବଂ ସେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ଙ୍କ ଅନୁଗାମୀ ଥିଲେ ବୋଲି ଅତିଥି ମାନଙ୍କ ଦ୍ୱାରା ସ୍ମୃତି ଚାରଣ କରାଯାଇଥିଲା ! ଅନ୍ୟମାନଙ୍କ ମଧ୍ୟରେ କାକଟପୁର ଅଣାୟତ୍ତ ଆଶ୍ରମ ର ବାବା ବଂଶୀଧର ଦାସ, ଭୁବନେଶ୍ୱର ରୁ ରାମଦାସ ବାବାଜୀ, ବାବା ଭାବ ସାଗର ଦାସ(ଉଦୟ ବଟ ଧାମ) କଲ୍ୟାଣଦାସ ମହାରାଜ, ଶରତ ଚନ୍ଦ୍ର ଦାସ, ଗୋପୀନାଥ ଦାସ, ଆନନ୍ଦବ୍ରହ୍ମ ଦାସ, ବୃନ୍ଦାବନ ଦାସ, ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ରାଜ୍ୟ ଏବଂ ରାଜ୍ୟ ବାହାରୁ ଶତାଧିକ ସାଧୁସନ୍ଥ ଯୋଗଦାନ କରିଥିଲେ !

# ଚିକିଟୀ ବ୍ଲକ୍ ପଞ୍ଚାୟତ ସମିତି କକ୍ଷରେ ସାଂସଦ ଓ ବିଧାୟକଙ୍କ ମିଳିତ ବୈଠକ ଏବଂ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଚିକିଟୀ, : ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ୍ ପଞ୍ଚାୟତ ସମିତି କକ୍ଷରେ ବ୍ରହ୍ମପୁର ସାଂସଦ ଶ୍ରୀଯୁକ୍ତ ପ୍ରଦୀପ ପାଣିଗ୍ରାହୀ ଏବଂ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମେ ନିମନ୍ତ୍ରିତ ଦୁଇ ଅତିଥି ଲକ୍ଷ୍ମୀପୁର ମଳ ଉପଚାର ପ୍ରକଳ୍ପ ଏବଂ କରବାଲୁଆର ଖଡିକା ବନ୍ଧ ପାର୍କର ଏନ୍ଏସି ଅଧକ୍ଷା ଶ୍ରୀମତୀ ଦୀପା କୁମାରୀ ସାହୁଙ୍କ ଉପସ୍ଥିତିରେ ଶିଳାନ୍ୟାସ କରି ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିଲେ ।ବିଡିଓ ଶ୍ରୀଯୁକ୍ତ ଲକ୍ଷ୍ମଣ ଚରଣ ସୋରେନ,ତହସିଲଦାର ଶ୍ରୀଯୁକ୍ତ ବିଶ୍ୱରଞ୍ଜନ କହଁର, ସିଡ଼ିପିଓ ଶ୍ରୀମତୀ ଗୀତାଞ୍ଜଳୀ ପାଣିଗ୍ରାହୀ,ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶ୍ରୀ ଶାଶ୍ୱତ ଷଡ଼ଙ୍ଗୀ,କନିଷ୍ଠ ଯନ୍ତ୍ରୀ ଶ୍ରୀଯୁକ୍ତ ଭବାନୀ ଶଙ୍କର ବେହେରା, ବ୍ଲକ୍ ଅଧକ୍ଷ ଶ୍ରୀଯୁକ୍ତ ଆପନା ସେଠୀ ପ୍ରଭୃତି ଏହି ବୈଠକରେ ଯୋଗ ଦେଇଥିଲେ ।ଚିକିଟୀ ବ୍ଲକ୍ ଅଧୀନସ୍ଥ ୧୭ଟି ଗ୍ରାମପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ ଏବଂ ସଭ୍ୟାମାନେ ଯୋଗ ଦେଇ ନିଜ ନିଜ ଅଞ୍ଚଳର ସ୍ଥାନୀୟ ସମସ୍ୟା ଉପରେ ଉପସ୍ଥିଟ ସାଂସଦ ଓ ବିଧାୟକଙ୍କ ସହ ଅଭିଯୋଗ ତଥା ଏହାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ ।ମୁଖ୍ୟତଃ ଜଳ ସମସ୍ୟା ଉପରେ ମୁଖ୍ୟ ପ୍ରସଙ୍ଗ ଆଲୋଚନା ହୋଇଥିଲା ।ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଡାକ୍ତର ମାନଙ୍କ ଅନୁପସ୍ଥିତି ତଥା ଅନିୟମିତତା ଉପସ୍ଥିଟ ସାଂସଦ ଓ ବିଧାୟକଙ୍କୁ ଅବଗତ କରାଯାଇଥିଲା ।ରାସନ କାର୍ଡ ଏବଂ ଖାଉଟି ବଣ୍ଟନ ଉପରେ ମଧ୍ୟ ଉପସ୍ଥିତ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲା ।ଉପସ୍ଥିଟ ସ୍ଥାନୀୟ ସାଂସଦ ଓ ବିଧାୟକ ସମସ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରି ଏହାର ଯଥାଶୀଘ୍ର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ସାଂସଦ ଶ୍ରୀଯୁକ୍ତ ପ୍ରଦୀପ ପାଣିଗ୍ରାହୀ ଚିକିଟୀ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସବୁ ପ୍ରକାର ସହଯୋଗ କରିବେ ବୋଲି ବୈଠକର ତର୍କ ବିତର୍କରେ ଜବାବ ରଖିଥିଲେ ।ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ମନୋରଞ୍ଜନ ଦ୍ୟାନ ସାମନ୍ତରା ନିଜ ନିର୍ବାଚନ ମଣ୍ଡଳୀର ଜଳ ସମସ୍ୟା ଓ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱାରୋପ କରି ଅଧିକାରୀ ମାନଙ୍କ ସହ ଏହାର ତୁରନ୍ତ ସମାଧାନ ପାଇଁ ଆଲୋଚନା କରିଥିଲେ।

# ବିଜେପି ସରକାରଙ୍କ ପୁରୀ ପାଇଁ ନୂତନ ରୋଜଗାର ଯୋଜନା ।କେବଳ ଘରୋଇ ମେଡିକାଲ ଓ ଗାଡି ମେକାନିକ୍ଙ୍କ ପାଇଁ

ପୁରୀ, : ନୂତନ ସରକାର ଆସିବା ପରେ ପୁରୀ ରେ ପ୍ରତ୍ୟକ୍ ଦିନ ବିଜେପି ନେତା ମନ୍ତ୍ରୀ , କର୍ମିମାନେ ପୁରୀ ଆସି ସରକାରୀ ଗେଷ୍ଟ ହାଉସ ରହି ମୋଉଜ୍ ମସ୍ତିରେ ବୁଡି ରହୁଛନ୍ତି । କିନ୍ତୁ ପୁରୀ ବାସିନ୍ଦା ଏବଂ ପୁରୀ ରାସ୍ତା ନାଳ ର ଅବସ୍ଥା ତାହା ତାଙ୍କ ଦେଖା ଯାଉନାହିଁ । ଏପରିକି ରାସ୍ତା ଓ ନାଳ ଅବସ୍ଥା ସମ୍ପୂର୍ଣ୍ଣ ପୁରୀ ବାସିନ୍ଦା ଓ ପର୍ଯ୍ୟଟକ ଙ୍କୁ ସମ୍ପୂର୍ଣ୍ଣ ବିପଦ ମୁହଁକୁ ଠେଲି ଦେବା ଏକ ଆଶ୍ଚର୍ଯ୍ୟ ବିଷୟ । ପୁରୀ ଲୋକନାଥ ବିଶ୍ୱ ପ୍ରସିଦ୍ଧ ଜାଗର ଯାତ୍ରା ଆଗକୁ ଅଳ୍ପ ଦିନ ଥିବା ବେଳେ ; ହରିହର ଛକ ଠାରୁ ବାଲିସାହି ମୁଖ୍ୟ ମଝି ରାସ୍ତାରେ ଥିବା ଶୋରେଜ୍ ଟାଙ୍କି ଢାଙ୍କୁନି ଗୁଡିକ ଭାଙ୍ଗି ଓ ଏଥିରୁ ପାଇଖାନା ର ଓ ନାଳ ପାଣି ମିଶି ରାସ୍ତା ଉପରେ ନଦୀ ସଦୃଶ ସୃଷ୍ଟି ହୋଇ ରାସ୍ତାରେ ଭାସି ଦୁର୍ଗନ୍ଧ ପରିବେଶ ସୃଷ୍ଟି କରୁଛି । ଏବଂ ତତ ସହିତ ଏହି ଭଙ୍ଗା ଟାଙ୍କି ଉପରେ ପଥର ରଖିବା ଦ୍ୱାରା ଗାଡି ଗୁଡିକ ଭାଙ୍ଗି ନଷ୍ଟ ହେବା ସହିତ ଗାଡି ଚାଳାକଙ୍କ ର ଗୋଡ ହାତ ଭଗିବା ଦ୍ୱାରା କିପରି ଶୀଘ୍ର ସୁସ୍ଥ ହେବେ ସେଥିପାଇଁ ଘରୋଇ ମେଡିକାଲ ,ଗାଡି ମେକାନିକ ମାନଙ୍କ ର ଭଲ ରୋଜଗାର ହୋଇଥାଏ । ସାଧାରଣ ରେ ଚର୍ଚ୍ଚା ହେଉଛି ଯେ ଏହି ରାସ୍ତାରେ ପୁରୀ ମୁନିସିପାଲିଟି ହାଇସ୍କୁଲ ଥିଲେ ମଧ୍ୟ ପୁରୀ ପ୍ରଶାସନ ମୁଖିଆଙ୍କର ଏବଂ ବିଜେପି ସରକାରଙ୍କ କିପରି ନଜର ପଡୁନି ? ପୁରୀକୁ ପ୍ରତିଦିନ ବିଜେପି ନେତା ଓ ମନ୍ତ୍ରୀ ମାନେ ପୁରୀ ଗସ୍ତ କରୁଥିଲେ ମଧ୍ୟ ଏହି ରାସ୍ତା ଉପରେ କିପରି ନଜର ପଡୁନାହିଁ କି ଜାଣିଶୁଣି ଏହାକୁ ଅଣଦେଖା କରୁଛନ୍ତି । ଏହା ଚର୍ଚ୍ଚାର ବିଷୟ।

# ପଞ୍ଚାୟତରେ ଆସିଲା ପାଣି ,ପାଣି ପାଇ ଖୁସି ହେଲେ ଲୋକେ

## ଚାଷ ଜମିକୁ ଅବୈଧ କନେକ୍ସନ୍ ଉପରେ ହେବ କାର୍ଯ୍ୟାନୁଷ୍ଠାନ । ସୂଚନା ଦେଲେ ନିର୍ବାହୀ ଯନ୍ତ୍ରୀ





କେନ୍ଦ୍ରାପଡ଼ା(୦୨/୦୩)ଡେରାବିଶ ବ୍ଲକ ଅଧିନସ୍ଥ ବସୁପୁରୁ ପଞ୍ଚାୟତରେ ୧୧ ଦିନପରେ ଶେଷରେ ଆସିଲା ପିଇବା ପାଣି । ଜଗନ୍ନାଥ ଏକ୍ସପ୍ରେସରେ ଲଗାତାର ଖବର ଦେଖିବା ପରେ ଜଳ ଯୋଗାଣ ବିଭାଗର ବ୍ଲକ୍ ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ୟମରେ ପିଇବା ପାଣି ଆଜି ପ୍ରତି ଘରେ ପାଇ ଲୋକ ଆଜି ବହୁତ୍ ଖୁସି ଥିବା ଜଣାଇଛନ୍ତି । ସୂଚନା ଥାଉ କି ଗତ ୨୦ ଫେବୃଆରୀ ୨୦୨୫ ରିଖ ଠାରୁ ପଞ୍ଚାୟତରେ ବିଛା ଯାଇଥିବା ପାଇପ୍ କନେକ୍ସନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୀର୍ଘ ୮ ଦିନ ଜଳ ଯୋଗାଣ ସେବା ବନ୍ଦ ହେବାରୁ ୫ ହଜାରରୁ ଉର୍ଦ୍ଧ୍ୱ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ୮ ଦିନ ହେଲା ବାରମ୍ବାର ଅଭିଯୋଗ ପରେ ଅଭିଯୋଗ ପରେ ମଧ୍ୟ ଦାୟିତ୍ୱରେ ଥିବା ପଞ୍ଚାୟତ ଏବଂ କାର୍ଯ୍ୟରତ ପମ୍ପ ଡ୍ରାଇଭର ପଞ୍ଚାୟତରେ ଜଳ ଯୋଗାଣ ରେ ଥିବା ଯାନ୍ତ୍ରିକ ତ୍ରୁଟିକୁ ସୁଧାରି ପାରିନଥିଲେ । ପରେ ଲଗାତାର ଜଗନ୍ନାଥ ଏକ୍ସପ୍ରେସ ମାଧ୍ୟମରେ ୨୭ ଫେବୃଆରୀ ଏବଂ ୧ ମାର୍ଚ୍ଚରେ ଲଗାତାର ନିର୍ବାହୀ ଯନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲା ଜଳ ଯୋଗାଣ ବିଭାଗର ମୁଖ୍ୟ ଯନ୍ତ୍ରୀ , କେନ୍ଦ୍ରାପଡ଼ା ଜିଲ୍ଲା ପାଳ ଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଆଜି ଜଳ ଯୋଗାଣ ବିଭାଗ ଚିହିଁକି ଉଠିଛି । ମାତ୍ର ୪ ଘଣ୍ଟା ପରିଶ୍ରମରେ ପଂଚାୟତର ଘରେ ଘରେ ପାନୀୟ ଜଳ ପୁନର୍ବାର ପହଞ୍ଚି ପାରିଛି । କିନ୍ତୁ ଏବେବି ଚାଷ ଜମିକୁ ୪୦ ରୁ ଅଧିକ ଅବୈଧ କନେକ୍ସନ ଯାଇଥିବାରୁ ଉପରେ ମୁଣ୍ଡରେ ଥିବା ୱାର୍ଡ଼ ଗୁଡ଼ିକ ଯଥା ଭାଣ୍ଡିଲୋ ଏବଂ ହାଟବାଣପୁର(ଝିଙ୍କଡି) ରେ ଥିବା ପାଖାପାଖି ୨୦୦୦ ଲୋକେ ଠିକରେ ଏବେବି ପାଣି ପାଉନଥିବା ଜଣାଇଛନ୍ତି । ଏ ନେଇ ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗା ଯୋଗ ହେବାପରେ , ସେ କହିଛନ୍ତି କି ସେ ଏ ବିଷୟରେ ଅବଗତ ଅଛନ୍ତି ଏବଂ ଚଳିତ ଗ୍ରୀଷ୍ମ ଦିନ ଚାଲୁଥିବାରୁ ଏପରି ଅମାନବୀୟ କର୍ଯ୍ୟ କରୁଥିବା କିଛି ଲୋକଙ୍କୁ ପ୍ରଶୟ ଦିଆଯିବ ନାହିଁ । ଖୁବ୍ ଶୀଘ୍ର ଏକ ଟିମ୍ ତିଆରି କରାଯାଇ ଚାଷ ଜମି ଏବଂ ନିଜ ଫସଲ ବାଡି କୁ ଅବୈଧ କନେକ୍ସନ ନେଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ତା ସହିତ କାର୍ଯ୍ୟରତ ପମ୍ପ ଡ୍ରାଇଭର ର ୨ ବର୍ଷ ରୁ ମିଳିନଥିବା ଦରମା ପାଇଁ ସେ ସରପଞ୍ଚ ଙ୍କୁ ଅବଗତ କରାଇଛନ୍ତି, ଯାହା ଯଥା ଶୀଘ୍ର ସମାଧାନ କରାଯାଇ ଭବିଷ୍ୟତରେ ନିରବଚ୍ଛିନ୍ନ ଜଳ ଯୋଗାଣ ଯୋଗାଇ ଦିଆଯିବ ।

# ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ସମ୍ପର୍କିତ ସ୍ୱତନ୍ତ୍ର ସମିତି ବୈଠକ



ପାତ୍ରପୁର,୨/୩(ନି.ପ୍ର): ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ପଞ୍ଚାୟତ ସମିତି ଅଧକ୍ଷା ୱାଇ ସଞ୍ଜୁକ୍ତା ରେଡିଙ୍କ ଅଧକ୍ଷତାରେ ଆଜି ଅପରାହ୍ନ ସାଢ଼େ ବାର ଘଣ୍ଟା ସମୟରେ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ସମ୍ପର୍କିତ ସ୍ୱତନ୍ତ୍ର ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ପାତ୍ରପୁର ବ୍ଲକରେ ବହୁ ପଞ୍ଚାୟତର ଜନ୍ମ ମୃତ୍ୟୁ ପ୍ରମାଣପତ୍ର ଠିକ୍ ସମୟରେ ହେଉନଥିବାରୁ ବହୁ ଜନସାଧାରଣ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଥିବା, ଅଙ୍ଗନବାଡ଼ି ଓ ଆଶା ଦିଦି ମାନେ ଜନ୍ମଗ୍ରହଣ କରିଥିବା ପିଲା ମାନଙ୍କ ଜନ୍ମ ପ୍ରମାଣ ପତ୍ର ବୋଲି ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିବା ବେଳେ ଗୋଷ୍ଠି ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ, ଅତିରିକ୍ତ ତହସିଲଦାର ଦୀଲିପ କୁମାର ଦେହୁରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ ,ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ଡାକୁଆ ଉପସ୍ଥିତ ରହି ମଞ୍ଚାସୀନ ଥିଲେ । ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ପୁଷ୍ପାଞ୍ଜଳି ଓ ପ୍ରଦ୍ୱିପ ପ୍ରଜ୍ୱଳନ କରି ବୈଠକର ଶୁଭାରମ୍ଭ କରାଯାଇଥିଲା । ପରେ ଜିପିଓ ପୂର୍ବ ବିବରଣୀ ପାଠ କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ସମ୍ପର୍କିତ ବିଷୟରେ ଉପସ୍ଥିତ ପିଆରଆଇ ମେମ୍ବର ମାନଙ୍କୁ ଅବଗତ କରାଇଥିଲେ । ଏଥି ସହିତ ବିଧାୟକ ଉପସ୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କୁ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ । ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସିଡିପିଓ ନମିତା ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସମ୍ବିଦ ବେଗରାୟଓ ପାତ୍ରପୁର ପ୍ରାଣିଚିକିତ୍ସାଳୟ ଅଧିକାରିଣୀ ଡାକ୍ତର ସସ୍ମିତା ପଣ୍ଡା ଏବଂ ସମସ୍ତ ଲାଇନ ଡିପାରଟମେଣ୍ଟର,ପିଇଓ,ଏଡିଇଓ ଉପସ୍ଥିତ ଥିଲେ ।

# ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



ଧାମନଗର ୨/୩(ନି.ପ୍ର): ମାନ୍ୟବର ଉଚ୍ଚ ଶିକ୍ଷା,କ୍ରୀଡ଼ା ଓ ଯୁବ ସେବା, ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞ ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ମନ୍ତ୍ରୀ ସୂର୍ଯ୍ୟବଂଶୀ କାଳୀ ବଜାର ଠାରେ ପହଞ୍ଚିବା ପରେ ବାଜା ରୋଷଣୀ ସହ ଏକ ବିଶାଳ ଶୋଭାଯାତ୍ରାରେ ଖୋଲା ଜିପରେ ଯାଇ ଦୋବଲ ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀ ଗୃହ ଭିତ୍ତି ପ୍ରସ୍ତର ସ୍ଥାପନ ପରେ ସୋଧ ଠାରେ ଦୋବଲ ଗ୍ରା.ପ.କଲ୍ୟାଣ ମଣ୍ଡପ ଉଦଘାଟନ ଏବଂ ଦୋବଲ ଗ୍ରା.ପ. ମହିଳା ମହାସଂଘ କାର୍ଯ୍ୟାଳୟର ଶିଳାନ୍ୟାସ କରିଥିଲେ । ମନ୍ତ୍ରୀ ସେହିଠାରୁ ରଇପୁର, ପାଳସାହି, ଦଳାଙ୍ଗ ଓ ଗଡ଼ିଆଳୀ ଗ୍ରା.ପ.ର ମହିଳା ମହାସଂଘ କର୍ଯ୍ୟାଳୟ ଗୃହ ଏବଂ ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଫିଡର ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ।ଏହି ଅବସରରେ ମନ୍ତ୍ରୀ ସୋଧ ଧରମ ପଡ଼ିଆ ଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୋହନ ସରକାର ଜନ କଲ୍ୟାଣକାରୀ ସରକାର ବୋଲି କହିଥିଲେ ।ଦୋବଲ ସରପଞ୍ଚ ଅଶୋକ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତି ସଭ୍ୟା ରୁନିଲତା ସାହୁ, ବିଡିଓ ବନବିହରୀ ଦିନ୍ଦା, ଭାରପ୍ରାପ୍ତ ତହସିଲଦାର ସାଇସିଲୋନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମୁକୁନ୍ଦଦେବ ମଣ୍ଡଳ (ଦୋବଲ)ସଭାପତି ପ୍ରମୋଦ ସୂତାର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ୍, ସଭ୍ୟା ରଞ୍ଜିତା ସ୍ୱାଇଁ, ବରିଷ୍ଠ ବିଜେପି ନେତା ଚତୁର୍ଭୁଜ ନାୟକ, ହରେକୃଷ୍ଣ ପାଢ଼ୀ, ଅରବିନ୍ଦ ପତି, ବିଦ୍ୟାଧର ରାଉତ, ହୃଦାନନ୍ଦ କର, ଭୋଳନାଥ ସାହୁ ,ଶରତ ସାହୁ ପ୍ରମୁଖ ଯୋଗଦେଇ ଥିଲେ ।

# ଠିକାଧାରଙ୍କ ଜବରଦଖଲରେ ଅଙ୍ଗନବାଡ଼ି କେନ୍ଦ୍ର

## ଠିକାଧାରଙ୍କ ମନମାନି, ଶିଶୁଙ୍କ ଜୀବନ ବିପଦରେ



କୋରାପୁଟ,୨/୩(ନି.ପ୍ର): ଶିଶୁଙ୍କ ସୁରକ୍ଷା ନିମନ୍ତେ ସରକାର ଓ ପ୍ରଶାସନ କେତେଜଣ ବ୍ୟବସ୍ଥା କରୁଛନ୍ତି । ବିଶେଷ କରି ପ୍ରିସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ୩-୧୦ ବର୍ଷର ପିଲାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ପିଲାଙ୍କ ସୁରକ୍ଷା ପାଇଁ ପାଚେରୀ ଓ ଫାଟକ କରା ଯାଇଥାଏ । ହେଲେ ବୋରିଗୁମ୍ମା ବ୍ଲକ ରଣସପୁର ମେରଦାମାଳ ଅଙ୍ଗନବାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି ଅଜବ ଦୃଶ୍ୟ । ଅଙ୍ଗନବାଡ଼ି କେନ୍ଦ୍ରରେ ପାଚେରୀ ଓ ଗେଟ ନଥିବାରୁ ଚାରି ଆଡେ ଖୋଲା ମେଲା ହୋଇ ରହିଥିବା ବେଳେ ଅଗଣା ଜଣେ ଠିକାଦାରଙ୍କ ଷ୍ଟିକିଂ ୟାର୍ଡ ହୋଇଛି । ଅଙ୍ଗନବାଡ଼ି କେନ୍ଦ୍ର ଅଗଣା ସମେତ ସମ୍ମୁଖରେ ଥିବା ଖାଲି ସ୍ଥାନରେ ସେହି ଅଞ୍ଚଳରେ ରାସ୍ତା କାମ କରୁଥିବା ଜଣେ ଠିକାଦାର ଲୁହା ଛଡ଼, ସେଣ୍ଟରିଙ୍ଗ ପ୍ଲେଟ, ଅନ୍ୟାନ୍ୟ ସାମଗ୍ରୀ ପକାଇ ରଖିଥିବାବେଳେ ଟ୍ରାକ୍ଟର, ଟିପର, ଜେଶିପି ମେସିନ ରଖିଥିବା ଦେଖିବାକୁ ମିଳିଛି । ଅଙ୍ଗନବାଡ଼ି କେନ୍ଦ୍ରରେ କୋମଳ ମୋତି ଶିଶୁ ମାନେ ଯାଉଥିବାରୁ କେତେବେଳେ କିଛି ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି । ତେଣୁ ମହିଳା ଓ ଶିଶୁ ବିକାଶ ବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି । ଅନ୍ୟ ପକ୍ଷରେ ଏଭଳି ଅବ୍ୟସ୍ଥା ସମ୍ପର୍କରେ ବୋରିଗୁମ୍ମା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗାୟତ୍ରୀ ବାହିନୀପତିଙ୍କୁ ପଚାରିବାରୁ ସେ ଏ ବିଷୟ ଜାଣି ନଥିବା କହି ସମ୍ପୃକ୍ତ ଠିକାଦାରଙ୍କୁ ନୋଟିସ କରିବେ ବୋଲି କହିଛନ୍ତି । ଅଙ୍ଗନବାଡ଼ି କେନ୍ଦ୍ରରେ ଖୁବ୍ ଶୀଘ୍ର ପାଚେରୀ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

# ଶିବରାତ୍ରୀରେ ସ୍ୱପ୍ନାଦେଶ ପରେ ଠାବ ହେଲା ଶିବଲିଙ୍ଗ

## ଦେଖିବା ପାଇଁ ଭକ୍ତଙ୍କ ଭିଡ଼

ଲାଞ୍ଜିଗଡ଼୨/୩(ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ ନିକଟସ୍ଥ ଟୁରିଗୁଡା ଗାଁ ନିକଟରେ ଥିବା ନଦୀରେ ଗତ କାଲି ବୁଧବାର ଶିବରାତ୍ରି ଦିନ ଏକ ବିରାଟ ଶିବଲିଙ୍ଗର ଆବିର୍ଭାବ ହୋଇଥିବା ଦେଖିବାକୁ ମିଳିଛି ଓ ଏହାପରେ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଛି । ସୂଚନାନୁସାରେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୁ ବେନଗାଁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଗଲା ପରେ କାଣ୍ଡଗୁଡା ଗାଁ ଠାରୁ ଦୁଇ କିମି ଦୂର ଦକ୍ଷିଣରେ ରହିଛି ଟୁରିଗୁଡା ଗାଁ । ଗାଁ ନିକଟରେ ଥିବା ବିଶାଳ ଆକାର ଶିବଲିଙ୍ଗ ସଦୃଶ୍ୟ ଧାନ କୁପା ପାହାଡ଼ର ପାଦ ଦେଶରେ ଥିବା ରାଣୀ ଚୁଆଁ ନଦୀରେ ଗତ କାଲି ବୁଧବାର ଶିବରାତ୍ରି ଦିନ ଏକ ବିରାଟ ଶିବଲିଙ୍ଗର ଆବିର୍ଭାବ ହୋଇଥିବା ଦେଖିବାକୁ ମିଳିଛି ଓଯୁବ ସମାଜସେବୀ ବିନୋଦ ଗୌଡ଼ଙ୍କ କହିବା ଅନୁସାରେ ବୁଧବାର ବଡି ଭୋରରୁ ଏକ ସ୍ୱପ୍ନ ଦେଖିଥିଲେ ଯେ,ନିୟମଗିରି ପାହାଡର ପାଦ ଦେଶରେ ଥିବା ରାହୁଳ ଝିମିରି ଘଞ୍ଚ ଜଙ୍ଗଲରେ ଏକ ବିରାଟକାୟ ଶିବଲିଙ୍ଗ ଭଳି ଦେଖାଯାଉଥିବା ଏକ ପାହାଡ ନିକଟରେ ଥିବା ନଦୀରେ ଏକ ଶିବଲିଙ୍ଗ ଅଛି ଏବଂ ପାହାଡ ଉପରୁ କେହିଜଣେ ଆଦେଶ ଦେଉଛି ଶୀଘ୍ର ପୁଜା କରିବା ପାଇଁ ଓଏହା ପରେ ବିନୋଦ ସକାଳୁ ନିତ୍ୟକର୍ମ ସାରିବା ପରେ ଗ୍ରାମର କିଛି ବ୍ୟକ୍ତିଙ୍କୁ ନେଇ ସେହି ଜାଗାର ସନ୍ଧାନରେ ବାହାରି ଥିଲେ ଓ ସେହି ପାହାଡ ପାଖରେ ପହଞ୍ଚିଲା ପରେ ପାହାଡ ନିକଟବର୍ତ୍ତୀ ଅଞ୍ଚଳରେ ତଦନ୍ତ କରିଥିଲେ ।କିଛି ସମୟ ଖୋଜାଖୋଜି କରିବା ପରେ ନିକଟରେ ଥିବା ରାଣୀ ଚୁଆଁ ନଦୀକୂଳରେ ତାଳପତ୍ର ଢାଙ୍କି ହୋଇ ଏକ ବିରାଟ ଶିବଲିଙ୍ଗ ସଦୃଶ୍ୟ ଆକୃତିର ପଥର ଥିବା ଠାବ କରିଥିଲେ ।ଏହି ଖବର ଧୀରେଧୀରେ ଅଞ୍ଚଳରେ ଚହଳ ସୃଷ୍ଟି କରିବା ପରେ ବର୍ତ୍ତମାନ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି ।

# ଶେଷ ହେଲା ଦ୍ୱିତୀୟ ରାଜ୍ୟସ୍ତରୀୟ ସେବା ମହୋତ୍ସବ




ବୌଦ୍ଧ,୨/୩(ନି.ପ୍ର): ଭକ୍ତି, ସେବା ଓ ସମର୍ପଣ ର ମହା ମିଳନ ଜର୍ଣ୍ଣାଲିଷ୍ଟ ଆସୋସିଏସନ ବ୍ଲକ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ରାଜ୍ୟ ସ୍ତରୀୟ ସେବା ମହୋତ୍ସବ । ଆସୋସିଏସନ ମୂଳ ମନ୍ତ୍ର ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକ 'ସବୁ ବେଳେ ଲୋକଙ୍କ ସାଥିରେ ' । ଏହି ମୂଳ ମନ୍ତ୍ର କୁ ନେଇ ହରଭଙ୍ଗା ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ଦ୍ୱିତୀୟ ରାଜ୍ୟ ସ୍ତରୀୟ ସେବା ମହୋତ୍ସବ ଚଳିତ ବର୍ଷ ହରଭଙ୍ଗା ବ୍ଲକ ବୁରୁଗୁଡା ଗୁପ୍ତେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ ରେ ସାତ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ୨୦ତାରିଖ ରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଉଦଘାଟିତ ହୋଇ ପର୍ଯ୍ୟାୟ କ୍ରମେ ଗୋ ସେବା, ବସ୍ତ୍ର ଓ ସେବା କୀଟ ପ୍ରଦାନ, ଜଳ ଓ ପଣା ବଣ୍ଟନ,ଚକ୍ଷୁ ଚିକିତ୍ସା ଶିବିର, ରକ୍ତଦାନ, ମେଗା ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇ ୨୬ତାରିଖ ରେ ଉଦଯାପିତ ହୋଇଥିଲା । ଉଦଯାପନି ଦିବସରେ ପ୍ରଥମେ ଅଂଚଳର ଅଧିଷ୍ଠାତ୍ରୀ ଦେବି ରାମଗଡ଼ ବାସିନୀ ମା ବୁଢ଼ୀବାଉରୀ ମନ୍ଦିର ରୁ ମା ଙ୍କ ଆଶୀର୍ବାଦ ନେଇ ଦିବ୍ୟ ଜ୍ୟୋତି ମଶାଲ ଶୋଭାଯାତ୍ରା ଆଞ୍ଚଳିକ ଲୋକ କଳା ଲୋକ ବାଦ୍ୟ ରେ ଏକ ବିରାଟ ପଟୁଆର ଶୋଭାଯାତ୍ରାରେ ତିଲେଶ୍ୱର ବଜାର ଦେଇ ଆସି ମଞ୍ଚ ରେ ସେବା ମହୋତ୍ସବ ମଣ୍ଡପରେ ରୀତିନୀତି ରେ ପୂଜାର୍ଚ୍ଚନା କରି ଅବସ୍ଥାପିତ କରାଯାଇଥିଲା । ପରେ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସଂକୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହା ପରେ ଆସୋସିଏସନ ର ସଭାପତି ସୁକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ସାଧାରଣ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉଦଯାପନୀ ସନ୍ଧ୍ୟାରେ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଓ ସଂମ୍ମାନୀତ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ,ବୌଦ୍ଧ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ, ଯୁବ ଶିଳ୍ପ ପତି ଅଶୋକ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ । ସମ୍ପାଦକ ଭାଗବତ ମେହେର ସେବା ମହୋତ୍ସବର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଗତ ଛଅ ଦିନ ଧରି ସେବା ମହୋତ୍ସବର ପର୍ଯ୍ୟାୟ କ୍ରମେ ହୋଇଥିବା ସମସ୍ତ ସେବା ସହିତ ଉଦଯାପନୀ ଦିବସରେ ଅଞ୍ଚଳ ଅସହାୟ ବ୍ୟକ୍ତି ଙ୍କୁ ଚିହ୍ନଟ କରି ତାଙ୍କ ଘରେ ପହଞ୍ଚି ଅସୁବିଧା କୁ ଲାଘବ କରିବା ପାଇଁ ପ୍ରୟାସ କରିବା କାର୍ଯ୍ୟକ୍ରମ କୁ ମଂଚାସୀନ ଥିବା ଅତିଥି ଗଣ ସାଧୁବାଦ ଜଣାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅତିଥିମାନେ ପୂର୍ବରୁ ଚିହ୍ନଟ ବୃଦ୍ଧବୃଦ୍ଧା ଙ୍କୁ ସେବା କୀଟ ମଞ୍ଚରେ ପ୍ରଦାନ କରିଥିଲେ । ଅନ୍ୟପଟେ ଆଗାମୀ ଦିନ ରେ ମହୋତ୍ସବ କୁ ଆହୁରି ସରଶ ସୁନ୍ଦର କରିବା ପାଇଁ ଆମେ ପ୍ରୟାସ କରିବା ବୋଲି ବୌଦ୍ଧ ଜିଲ୍ଲାପାଳ ଓ ବିଧାୟକ ମଞ୍ଚ ରେ ନିଜ ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ । ପରେ ସେବା କ୍ଷେତ୍ର ରେ ଉଲ୍ଲେଖନିୟ କାର୍ଯ୍ୟ କରିଥିବା ବ୍ୟକ୍ତିତ୍ୱ ଙ୍କୁ ଅତିଥି କରକମଳ ରେ ସେବା ସମ୍ମାନରେ ସମ୍ମାନୀତ କରା ହୋଇଥିଲା । ଶେଷରେରେ ପଶ୍ଚିମ ଓଡିଶାର ସୁନାମଧନ୍ୟ ଗାୟକ ଗାୟିକା ପଙ୍କଜ ଜାଲ ଓ ମାନସୀ ପାଣିଗ୍ରାହୀ ଏବଂ ଟିମଙ୍କ ଦ୍ୱାରା ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା ।

# ବିଳମ୍ବିତ ରାତ୍ରିରେ ଘରେ ପଶି ମହିଳାଙ୍କୁ ଭୁଜାଲିରେ ହାଣିବା ସହିତ ଲକ୍ଷାଧିକ ଟଙ୍କାର ଗହଣା ନେଇ ଛୁ

ବାସୁଦେବପୁର, ୨/୩(ନି.ପ୍ର): ବାସୁଦେବପୁର ବ୍ଲକ ନାୟକାଣିଡିହି ଥାନା ଅଞ୍ଚଳରେ ବିଳମ୍ବିତ ରାତିରେ ଘରେ ପଶି ମହିଳାଙ୍କୁ ହାଣି ଭୁଜାଲିରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ । ଗୁରୁତର ମହିଳାଙ୍କୁ ବାସୁଦେବପୁର ଡାକ୍ତରଖାନା ଭର୍ତ୍ତି ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର !ସୂଚନା ଅନୂଯାୟୀ ନାୟକାଣିଡିହି ଗ୍ରାମର କମଳାକାନ୍ତ ସାହୁଙ୍କ ଘରେ ରାତି ପ୍ରାୟ ୨ ଘଟିକା ୩୦ ମିନିଟ୍ ସମୟର ଦୁଇ ଜଣ ଲୁଟେରା ମୁହଁରେ କଳା ମୁଖା ପିନ୍ଧି କମଳାକାନ୍ତଙ୍କ ଘରେ ପଶି ଲୁଟ କରିବା ସହିତ ପରମେଶ୍ୱର ସାହୁ ଙ୍କ ବୋହୁ ଲକ୍ଷ୍ମୀପ୍ରିୟାଙ୍କ ମୁଣ୍ଡକୁ ଭୁଜାଲିରେ ହାଣି ଲୁଟେରା ମାନେ ସେ ପିନ୍ଧିଥିବା ମଙ୍ଗଳ ସୂତ୍ର, ସୁନା ହାର ଏବଂ ନଗଦ କିଛି ଟଙ୍କା ନେଇ ଖସି ପଳାଇଯାଇଥିଲେ ।ରକ୍ତ ଜୁତୁବୁତୁ ଅବସ୍ଥାରେ ପରିବାର ଲୋକ ଲକ୍ଷ୍ମୀପ୍ରିୟାଙ୍କୁ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ !ପ୍ରାଥମିକ ଚିକିତ୍ସା ପରେ ଲକ୍ଷ୍ମୀପ୍ରିୟାଙ୍କ ଅବସ୍ଥା ସଙ୍କଟାପନ ହେବାରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ପରିବାର ଲୋକେ କହିଛନ୍ତି ! ସୂଚନା ଅନୁଯାୟୀ ଉକ୍ତ ଘଟଣା ପରେ ଆହତ ହୋଇଥିବା ମହିଳାଙ୍କ ଶ୍ୱଶୁର ପରମେଶ୍ୱର ସାହୁ ନିକଟସ୍ଥ ନାଇକାଣିଡିହି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଲୁଟେରା ଙ୍କୁ ଧରିବାକୁ ଚେଷ୍ଟା କରାଯାଇଥିବା ଦେଖିବାକୁ ମିଳିଛି ।

# ମଶାଲ ଯାତ୍ରା ସହ ସର୍ଗିଗୁଡାରେ ଆରମ୍ଭ ହେଲା ଜିଲ୍ଲାସ୍ତରୀୟ ଟି-୧୦ କ୍ରିକେଟ ପ୍ରତିଯୋଗିତା



ଭବାନୀପାଟଣା ୨/୩(ନି.ପ୍ର): ସର୍ଗିଗୁଡା ରେଳବାଇ କ୍ରିକେଟ କ୍ଲବ ପକ୍ଷରୁ ସାନ୍ଦୁଲ ପଡିଆରେ ଅନୁଷ୍ଠିତ ହେଉଛି ଜିଲ୍ଲା ସ୍ତରୀୟ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ । ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ରେ ଜିଲ୍ଲା ର ବିଭିନ୍ନ ପ୍ରାନ୍ତ ରୁ ୧୬ ଗୋଟି ଟିମ ଅଂଶ ଗ୍ରହଣ କରିଛନ୍ତି । କ୍ରିକେଟ କ୍ଲବର ସଭାପତି ଓମପ୍ରକାଶ ପୁଜାରୀଙ୍କ ନେତୃତ୍ୱରେ ଆୟୋଜୀତ ଏହି କ୍ରିକେଟ ପ୍ରତିଯୋଗିତା ପାଇଁ ମଙ୍ଗଳବାର ସଂଧ୍ୟା ୫ ଘଣ୍ଟା ସମୟରେ ନର୍ଲାରୋଡ ଦୁର୍ଗା ମନ୍ଦିର ଠାରୁ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ନର୍ଲା ବିଧାୟୀକା ମନୋରମା ମହାନ୍ତି ଯୋଗଦାନ କରି ମଶାଲ ଯାତ୍ରା ର ଶୋଭା ବଢ଼ାଇଥିଲେ । ସମ୍ମାନୀତ ଅତିଥି ଭାବରେ ନର୍ଲାର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ନାଏକ, ସର୍ଗିଗୁଡା ସରପଞ୍ଚଙ୍କ ପ୍ରତିନିଧି ବିଜୟ ବୁଦ୍ଧିଆ, ସାମ୍ବାଦିକ ଲିଙ୍ଗରାଜ ମିଶ୍ର, ସର୍ଗିଗୁଡା ଜୟଦୁର୍ଗା ସ୍ପୋର୍ଟିଂ କ୍ଲବ ର ସଭାପତି ନାରାୟଣ ମାଝୀ, ବିଜେଡିର ଯୁବ ନେତା ଘାସିରାମ ମାଝୀ, ଯୁବନେତା ସ୍ମ ମିଶ୍ର, ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିବା ସମସ୍ତ ୧୬ ଗୋଟି ଟିମର ଅଧିନାୟକ, କ୍ରୀଡା ପ୍ରେମୀ ତଥା ଆୟୋଜକ ମଣ୍ଡଳୀର ସମସ୍ତ ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ । ବ୍ୟାଣ୍ଡ ବାଜା ସହ ବିଧାୟୀକା ଶ୍ରୀମତୀ ମହାନ୍ତି ମଶାଲ ନେଇ ଖେଳ ପଡିଆରେ ସ୍ଥାପନ କରିଥିଲେ । ମଞ୍ଚରେ ଦୁର୍ଗାଙ୍କ ପୂଜନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସମ୍ମାନୀତ ଅତିଥି ଓ ମୁଖ୍ୟ ଅତିଥି ଖେଳାଳି ମାନଙ୍କୁ ଉଦ୍ବୋଧନ ଦେଇ ଉତ୍ସାହିତ କରିଥିଲେ । ସାମ୍ବାଦିକ ଲିଙ୍ଗରାଜ ମିଶ୍ର ମଞ୍ଚ ସଂଯୋଜନା କରିଥିଲେ । ସର୍ଗିଗୁଡା ସାନ୍ଦୁଲ ଖେଳ ପଡିଆରେ ରହିଥିବା ରାସ୍ତା ସମସ୍ୟା, ଗ୍ୟାଲେରୀ ନିର୍ମାଣ ତୁରନ୍ତ କରାଯିବ ବୋଲି ବିଧାୟୀକା ମଞ୍ଚରେ ପ୍ରତିଶୃତି ଦେଇଥିଲେ । ବୁଧବାର ଶିବରାତ୍ର ଦିନ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଉଦଘାଟନୀ ମ୍ୟାଚ ନର୍ଲା ଏବଂ ସର୍ଗିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଯେଉଁଥିରେ ନର୍ଲା ବାଜିମାତ କରିଥିଲା ।ଟସ୍ ଜିଣି ନର୍ଲା ଏକାଦଶ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେବା ସହ ମ୍ୟାଚ କୁ ମଧ ନିଜ ନାଁ ରେ କରିନେଇଥିଲା । ବିଜୟ ସାହୁ ଓ ପରମାନନ୍ଦ ଗୌଡ ଆମ୍ପାୟାର ଭାବରେ ମ୍ୟାଚ ପରିଚାଳନା କରୁଥିବା ବେଳେ ସରୋଜ ଦାସ ସ୍କୋର ବୋର୍ଡ ଦାୟୀତ୍ୱ ଓ ଯୁଧିଷ୍ଠିର ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରୁଛନ୍ତି ।

# ବାଣେଶ୍ୱର ମନ୍ଦିରରେ ଜାଗର ଯାତ୍ରା




ବଣାଇ, ୨/୩(ନି.ପ୍ର): ବଣାଇ ଅନ୍ତର୍ଗତ ଦେଓଗାଁ ଠାରେ ଥିବା ବାବା ବାଣେଶ୍ୱରଙ୍କ ଶୈବ ପୀଠରେ ଜାଗର ଯାତ୍ରା ସମ୍ପୂର୍ଣ୍ଣ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ବଣେଇ ପ୍ରସିଦ୍ଧ ବାବା ବାଣେଶ୍ୱର ପୀଠରେ ଜାଗର ଯାତ୍ରା ଉପଲକ୍ଷେ ପନ୍ଦର ହଜାରରୁ ଅଧିକ ଶ୍ରଦ୍ଧାଳୁ ଶିବଙ୍କ ଠାରେ ଦ୍ୱୀପ ପ୍ରଜ୍ଜଳନ କରିଥିଲେ କ୍ଷ ବଣେଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଉପଖଣ୍ଡ ସ୍ତରୀୟ ପୋଲିସ ଅଧିକାରୀ ସୋନାଲି ସିଂ ପରମାର, ସହକାରୀ ଜିଲ୍ଲାପାଳ କୂଳମଣି ଧଳ, ଅତିରିକ୍ତ ତହସିଲଦାର ଜ୍ଞାନ ରଞ୍ଜନ ବେହେରା, ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ, ଏନସିସି ଅଧିକାରୀ ମୃତ୍ୟୁଞ୍ଜୟ ବ୍ରହ୍ମ ଓ ପ୍ରଶାସନ ବିଭାଗର ଅଧିକାରୀ ପକ୍ଷରୁ ବାବା ବାଣେଶ୍ୱର ଶୈବ ପୀଠରେ ଠାକୁରଙ୍କ ରୀତି ନୀତି ସମ୍ପନ୍ନ ହେବା ପାଇଁ ରାତି ୧୨ ଟା ପର୍ଯ୍ୟନ୍ତ ଦ୍ୱୀପ ଉଠିବା ପର୍ଯ୍ୟନ୍ତ ଉପସ୍ଥିତ ରହିଥିଲେ କ୍ଷ ଦେବୋତ୍ତର ଅଧିକାରୀ ତଥା ବଣେଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ବିଭିନ୍ନ ଅଧିକାରୀଙ୍କ ସହ ପୀଠରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ନିମନ୍ତେ ତଦାରଖ କରୁଥିଲେ । ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ନଜରରେ ରଖି ଦେବୋତ୍ତର ବିଭାଗ ପକ୍ଷରୁ ଧାଡ଼ି ଦର୍ଶନ ଲାଗି ସ୍ଥାୟୀ ବ୍ୟାରିକେଡ୍ ? ନିର୍ମାଣ କରାଯାଇ ଥିବାରୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିଲା । ଶ୍ରଦ୍ଧାଳୁ ମାନଙ୍କ ହିତ ଦୃଷ୍ଟିରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାରୁ ଦାରୁବ୍ରହ୍ମ ଦିବ୍ୟାଙ୍ଗ ଭଜନ ସମାରୋହ ସହିତ କୀର୍ତ୍ତନ ମଣ୍ଡଳି ପରିବେଷଣ କରିଥିଲେ କ୍ଷ ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା ସମେତ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ? ବିଭାଗ, ବଣେଇ ପୋଲିସ , ବଣାଇ ଗଡ଼ ମହାବିଦ୍ୟାଳୟର ଏନସିସି ଗ୍ରୁପ ମୃତୟନ କରା ଯାଇଥିଲା ଯଦ୍ୱାରା ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ କରିଥିଲେ । ସମସ୍ତଙ୍କ ସହଯୋଗରେ ଶିବରାତ୍ରୀ ସମ୍ପର୍ଣ୍ଣ ହୋଇ ଥିବାରୁ ବାବା ବାଣେଶ୍ୱର ମନ୍ଦିର ଉନ୍ନୟନ କମିଟି ଧନ୍ୟବାଦ ପ୍ରକାଶ କରିଛନ୍ତି ।

# ସଂପାଦକୀୟ

## ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉ

କରୋନା କାଳରେ ମଧ୍ୟ ଦେଶର ବିକାଶ ହାର ସାଢ଼େ ଦଶ ପ୍ରତିଶତ ଉପରେ ରହିପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିଜର ଅପ୍ରେଲ ତ୍ରୈମାସିକ ଆର୍ଥିକ ନୀତି ସମୀକ୍ଷା ପରେ କହିଥିଲେ। ସଂକ୍ରମଣ ବୃଦ୍ଧି ସହିତ ଦେଶର ଅଧିକାଂଶ ରାଜ୍ୟରେ ଆଶିଂକ ଲକ୍‌ଡାଉନ ଲାଗିଥିବା ବେଳେ ସରକାର ଆର୍ଥିକ କାରବାର ଚଳାଇ ରଖିବା ଲାଗି ବ୍ୟବସ୍ଥା ଘୋଷଣା କରିଛନ୍ତି। ଦେଶର କର୍ପୋରେଟ ପ୍ରତିନିଧି କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ପକ୍ଷରୁ ଦେଶର ୧୫୦ ଟପ୍ ସିଇଓ ମାନଙ୍କର ଏକ ସର୍ଭେ ହୋଇଥିଲା। କରୋନାର ଦ୍ୱିତୀୟ ଲହର ବେଳେ ବ୍ୟବସାୟ ଓ ଉଦ୍ୟୋଗ ସେଭଳି ପ୍ରଭାବିତ ହୋଇନି ବୋଲି ସେମାନେ ମତ ଦେଇଥିଲେ। ତେବେ ମୁଦ୍ରାସ୍ଫୀତି ବୃଦ୍ଧି ଓ ଜିଡ଼ିପି ତଳକୁ ଯିବା ନେଇ ସେମାନେ ଭିନ୍ନ ଭିନ୍ନ ମତ ଦେଇଥିଲେ। ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲ ଦର ଲଗାତାର ବଢ଼ିବାରେ ଲାଗିଛି। ଏହାକୁ ତାଳ ଦେଇ ମୁଦ୍ରାସ୍ଫୀତି ମଧ୍ୟ ବଢୁଛି। ଲୋକଙ୍କ ମଧ୍ୟରେ ତ୍ରାହି ତ୍ରାହି ଡାକ। ଦରଦାମ କମିବାର ନାଁ ଗନ୍ଧ ନାହିଁ। କେଉଁଠି ଥମିବ କେହି କହିପାରୁନାହାନ୍ତି। କରୋନା ଯୋଗୁ କୋଟି କୋଟି ଲୋକ ରୋଜଗାର ହରାଇ ଆଜି ବେକାର। ସେହିପରି ସରକାରୀ କର୍ମଚାରୀଙ୍କର ବେତନ କଟାଯାଉଛି। ଘରୋଇ କମଚାରୀଙ୍କ କଥା କିଏ ପଚାରେ। ସେମାନେ ଯେଉଁ ଦୟନୀୟ ସ୍ଥିତିରେ ରହିଛନ୍ତି ସେକଥା ସେମାନେ ହିଁ କହିପାରିବେ। କରୋନା ସଂକ୍ରମଣ ଯୋଗୁ କୋଟି କୋଟି ଲଘୁ , ସୁକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ ହୁଏତ ବନ୍ଦ ହୋଇଗଲାଣି ଅଥବା ବନ୍ଦ ହେବା ସ୍ଥିତିରେ ଆସି ପହଞ୍ଚିଗଲାଣି। ଯଦିଓ ବ୍ୟାଙ୍କରୁ ପୁଣି ଋଣ ନେଇ ନିଜର ଉଦ୍ୟୋଗକୁ ପୁନରୁଜ୍ଜୀବିତ କରିବା ଲାଗି କେନ୍ଦ୍ର ସରକାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି ସତ କିନ୍ତୁ ଋଣ ନେବାକୁ କେହି ମଙ୍ଗୁ ନାହାନ୍ତି, କି ବ୍ୟାଙ୍କଗୁଡ଼ିକ ଋଣ ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। କାରଣ କରୋନାର ଅନିଶ୍ଚିତତା ଭିତରେ ବକେୟା ଋଣ ଅର୍ଥ ଫେରିପାରିବା ନେଇ ବ୍ୟାଙ୍କଗୁଡ଼ିକ ସନ୍ଦିହାନ ଅଛନ୍ତି। ସୁଧ ହାର ସର୍ବନିମ୍ନ ସ୍ତରରେ ଥିଲେ ମଧ୍ୟ ବ୍ୟବସାୟୀମାନେ ଋଣ ନେବାକୁ ଆଗ୍ରହ ଦେଖାଉ ନ ଥିବାରୁ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ଚାଲୁ ହେବା ନେଇ ଅନିଶ୍ଚିତତା ଲାଗି ରହିଛି। କରୋନାକୁ ନେଇ ସମସ୍ତଙ୍କ ମନରେ ଆଶଙ୍କା ରହିଛି। ଏହା କେବେ ଶେଷ ହେବ କେହି କହିପାରୁନାହାନ୍ତି। ଏପରି ସ୍ଥିତିରେ ଋଣ ନେଇ ବେପାର ବଢ଼ାଇବାର ରିସ୍କ ବା ବିପଦ ମୁଣ୍ଡାଇବାକୁ ବ୍ୟବସାୟୀମାନେ ପଛଘୁଞ୍ଚା ଦେଉଛନ୍ତି। ଏଭଳି ଏକ ପରିବେଶ ଭିତରେ ରିଜର୍ଭ ବ୍ୟାଙ୍କର ଆକଳନ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ। ତେବେ ଆର୍ଥିକ ସମାବେଶ ଉପରେ ଭରସା କରି ଆର୍‌ବିଆଇ ଏଭଳି ଆକଳନ କରିଥିବା ମନେ ହେଉଛି। ଗତ କିଛି ବର୍ଷ ମଧ୍ୟରେ ଦେଶରେ ବାଣିଜ୍ୟିକ, ବ୍ୟବସାୟିକ ଅସମାନତା ଦେଖାଯାଉଛି। କେତେକ ଉଦ୍ୟୋଗ ପରିବାର ଦିନକୁ ଦିନ ନିଜର ସମ୍ପତ୍ତି ବଢ଼ାଇ ଚାଲୁଥିବା ବେଳେ କେତେକ ଉଦ୍ୟୋଗ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି। ସେହିପରି ଇଣ୍ଟରନେଟ ଜରିଆରେ ଦେଶବିଦେଶର ବହୁ କମ୍ପାନୀ କରୋନା କାଳରେ ବେଶ ଫାଇଦା ମାରିନେଇଛନ୍ତି। ସେହିପରି ବିକ୍ରି କ୍ଷେତ୍ରରେ ବହୁ ଅନୀୟମିତତା ଦେଖାଯାଇଛି। ଏହି କାରଣରୁ ବ୍ୟବସାୟିକ କ୍ଷେତ୍ରରେ କାରବାରରେ ଅସନ୍ତୁଳ ସୃଷ୍ଟି ହୋଇଛି। ଏହାକୁ ଆର୍‌ବିଆଇ କିପରି ସନ୍ତୁଳନ କରିବ ଦେଖିବାକୁ ହେବ। ଏବେ ଚାହିଦା କମିଯାଇଛି ବୋଲି ଆର୍‌ବିଆଇ ସ୍ୱୀକାର କରିଛି। ଏହାର ପ୍ରଭାବ ଉତ୍ପାଦନ ଉପରେ ପଡିବ ଏହା ସ୍ୱତଃସିଦ୍ଧ କଥା। ବଜାରକୁ ଗତିଶୀଳ କରିବା ବର୍ତ୍ତମାନ ସମୟର ଆବଶ୍ୟକତା। ଅର୍ଥବ୍ୟବସ୍ଥା ସେତେବେଳେ ଦୃଢ଼ ହେବ ଯେତେବେଳେ ଲୋକଙ୍କ କ୍ରୟଶକ୍ତି ବଢ଼ିବ ଓ ରୋଜଗାର ଅଧିକମାତ୍ରାରେ ସୃଷ୍ଟି ହେବ। ବର୍ତ୍ତମାନ ସ୍ଥିତି ଏଭଳି ଅବସ୍ଥାରେ ପହଞ୍ଚିଯେ ଉଦ୍ୟୋଗ, ଶିଳ୍ପ ସଂସ୍ଥାଗୁଡ଼ିକରେ ନୂଆ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ପୁରୁଣା ଯେତିକି ଅଛି ସେଥିରୁ ମଧ୍ୟ ଛଟେଇ କରିଦିଆଯାଉଛି। ଫଳରେ ଲୋକଙ୍କର ଆୟ କମିଯାଇଛି ଅଥବା ନାହିଁ କହିଲେ ଚଳେ। ନିଜର ଗୁଜରାଣ ମେଣ୍ଟାଇବାକୁ ଯାଇ ଚାକରି ହରାଇଥିବା ବ୍ୟକ୍ତି ଅନ୍ୟ କାମ କରିବାକୁ ବାଧ୍ୟ ହେଉଛି। ଏଭଳି ସ୍ଥିତିରେ ଲୋକଙ୍କ ନିକଟରେ ଅର୍ଥର ଘୋର ଅଭାବ ଦେଖାଦେଉଛି। ସେମାନେ ଏହି କାରଣରୁ ନିଜର ଖର୍ଚ୍ଚ କମାଇବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ବଡ଼ ପୁଞ୍ଜିପତି ମାନେ ନିଜ ଉଦ୍ୟୋଗରେ ନୂଆ ନିଯୁକ୍ତି କରିବାକୁ ହେବ। ଏହା ହେଲେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ମଧ୍ୟ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଫଳରେ ଲୋକଙ୍କ ନିକଟରେ ଖର୍ଚ୍ଚ କରିବା ଯୋଗ୍ୟ ଅର୍ଥ ଆସିବ ଏବଂ ଲୋକଙ୍କ କ୍ରୟଶକ୍ତି ବଢ଼ିଲେ ଉତ୍ପାଦନ ବଢ଼ିବ ଏବଂ ଦେଶର ଅର୍ଥନୀତି ଗତିଶୀଳ ହୋଇପାରିବ। ଅର୍ଥନୀତିର ଏହି ଶୃଙ୍ଖଳକୁ ପୁଣି ଆରମ୍ଭ କରାଯାଇପାରିବେ ତେବେ ଯାଇ ଦେଶର ଅର୍ଥବ୍ୟବସ୍ଥା ପୁଣି ଗତିଶୀଳ ହେବ।

# କୃତ୍ରିମ ଅମରତ୍ୱ: ମନୁଷ୍ୟ ୧୫୦ ବର୍ଷ ଯାଏ ବଂଚିପାରିବ

ଯଦି ଆମେ ୮୦ ବର୍ଷ ବୟସରେ ଜନ୍ମଧାରଣ କରି ଧୀରେ ଧୀରେ ୧୮ ବର୍ଷ ଆଡ଼କୁ ଗତି କରିବା, ତେବେ ଜୀବନ ଅନିର୍ଦ୍ଦିଷ୍ଟ କାଳ ଯାଏ ସୁଖଶୀଳ ହୋଇ ରହିପାରିବ ବୋଲି ଆମେରିକାର ଖ୍ୟାତନାମା ସାହିତ୍ୟିକ ମାର୍କ ଟ୍ୱେନ୍ ଦେଇଥିବା ବକ୍ତବ୍ୟ ଯୁଗେ ଯୁଗେ ଏକ ପରିକଳ୍ପନା ହୋଇ ରହିଆସିଛି। ତାହାକୁ ଭିତି କରି ଆମ ମନୁଷ୍ୟ ସମାଜ ଯୁବସୁଲଭ ଠାଣିରେ ଅମର ହୋଇ ବଂଚି ରହିବାର ବାସ୍ତବ ରୂପରେଖ ଶତାବ୍ଦୀ ଶତାବ୍ଦୀ ଧରି ଖୋଜି ଚାଲିଛି। ତେବେ ମନୁଷ୍ୟ ବାସ୍ତବରେ ସର୍ବାଧିକ କେତେ ଦିନ ଯାଏ ବଂଚିପାରିବ, ତାହାର ଉତର ବାହାର କରିବାକୁ ସିଙ୍ଗାପୁରର କିଛି ଗବେଷକ ସେମାନଙ୍କର ଅନୁଧ୍ୟାନ ଜାରି ରଖିଛନ୍ତି। ଏ ପରିପ୍ରେକ୍ଷୀରେ ମନୁଷ୍ୟ ୧୨୦ରୁ ୧୫୦ ବର୍ଷ ଯାଏ ଜୀବନ ଧାରଣ କରିପାରିବ ବୋଲି ଜିରୋ ନାମକ ଜୈବପ୍ରଯୁକ୍ତି କମ୍ପାନୀର ଏହି ଗବେଷକମାନେ କହିଛନ୍ତି। ନେଚର କମ୍ୟୁନିକେସନ ନାମକ ପତ୍ରିକାରେ ପ୍ରକାଶିତ ସେମାନଙ୍କର ରିପୋର୍ଟ ଅନୁଯାୟୀ, ମୃତ୍ୟୁ ଜୀବନର ଏକ ଅନ୍ତର୍ଭୁକ୍ତ ବା ସ୍ୱାଭାବିକ ଜୈବ ଗୁଣ ଯାହା ବିଭିନ୍ନ ଚାପ ଉପରେ ନିର୍ଭର କରିନଥାଏ। ଆମେରିକା, ରୁଷିଆ ଓ ବ୍ରିଟେନର ବିଭିନ୍ନ ଗୋଷ୍ଠୀର ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟାବଳୀକୁ ତର୍ଜମା କରି ସେମାନେ ଏପରି ନିର୍ଯାସ ପାଇପାରିଛନ୍ତି। ଲୋକେ ପ୍ରତ୍ୟହ ନେଉଥିବା ବିଭିନ୍ନ ପଦକ୍ଷେପ ସାଙ୍ଗକୁ ସେମାନଙ୍କ ରକ୍ତକଣିକା ସଂଖ୍ୟାରେ ସଂଘଟିତ ପରିବର୍ତନକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲେ। ମନୁଷ୍ୟର ବୟସ ବଢ଼ିବା ଦ୍ୱାରା ଏପରି ସାର୍ବଜନୀନ ଉପାଦାନ ପ୍ରଦର୍ଶନ କରିଥାଏ ଯାହା ବିଘଟନ ପାଇଁ କାର୍ଯ୍ୟ କରୁଥିବା ଜଟିଳ ପ୍ରକ୍ରିୟା ସହ ସମତୁଲ ବୋଲି ସେମାନେ କହିଛନ୍ତି। ତେଣୁ ବୟସ ବଢ଼ିବା ସହ କୌଣସି ରୋଗ ବାହାରେ ବି ଶରୀରରେ କ୍ଷୟପ୍ରାପ୍ତ ରକ୍ତକଣିକା ସଂଖ୍ୟାର ଭରଣା ପାଇଁ ସାମର୍ଥ୍ୟ କମି କମି ଆସିଥାଏ। ରକ୍ତକଣିକା ସଂଖ୍ୟାରେ ଏପରି ଅଧୋଗତି ହିଁ ସ୍ୱାଭାବିକ ମୃତ୍ୟୁର ଆଗମନକୁ ନିର୍ଦ୍ଧାରଣ କରିଥାଏ। ଏପରି ରକ୍ତକଣିକା ହ୍ରାସରେ ଭରଣା କରିବାର ସାମର୍ଥ୍ୟ ୧୨୦ରୁ ୧୫୦ ବର୍ଷ ଭିତରେ ସମ୍ପୂର୍ଣ୍ଣ ଲୋପ ପାଇଯାଇଥାଏ।

ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।’ ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି। ଫେସ୍‌ବୁକ ଭଳି ସାରା ପୃଥିବୀର ଲୋକଙ୍କୁ ପ୍ରତି ମୁହୂର୍ତରେ ଏକାଠି ଯୋଡୁଥିବା ସୋସିଆଲ ନେଟ୍‌ୱାର୍କିଂ ସାଇଟଗୁଡ଼ିକ ଏଭଳି ଏକ କୃତ୍ରିମ ଦୁନିଆ ସୃଷ୍ଟି କରିଛନ୍ତି, ଯେଉଁଠି ଅନେକ ବାସ୍ତବ ମୃତ୍ୟୁ ପରେ ବି ଅମର ହୋଇ ରହିଛନ୍ତି ଅର୍ଥାତ୍ ସେମାନଙ୍କର ଡିଜିଟାଲ ଆତ୍ମା ବଂଚି ରହିଛି। କଥା ହେଉଛି, ଫେସ୍‌ବୁକ୍‌ରେ ଏଭଳି କୋଟି କୋଟି ମୃତ ଲୋକଙ୍କ ଖାତା ସକ୍ରିୟ ରହିଛି, ଯେଉଁମାନେ ଏ ଧରା ଧାମରୁ କେବେଠୁ ବିଦାୟ ନେଇସାରିଲେଣି। ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ଫେସ୍‌ବୁକ୍ ଆରମ୍ଭ ହେବାର ଆଠ ବର୍ଷ ପରେ ପ୍ରାୟ ୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ମୃତ୍ୟୁ ଘଟିଥିଲା। ଅନୁମାନ ଅନୁଯାୟୀ ପ୍ରତିଦିନ ପ୍ରାୟ ୮ ହଜାର ଫେସ୍‌ବୁକ୍ ସଦସ୍ୟଙ୍କ ମୃତ୍ୟୁ ହୋଇଥାଏ। କିନ୍ତୁ ସେହି ବ୍ୟକ୍ତି ମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ପଠାଇବା ପାଇଁ ଅନ୍ୟ ସଦସ୍ୟମାନଙ୍କୁ ଫେସ୍‌ବୁକ୍ ପକ୍ଷରୁ ମନେ ପକାଇ ଦିଆଯାଇଥାଏ। ପ୍ରକୃତରେ ଏଥିପାଇଁ ଏହି ସାଇଟ୍ ବା ତାର କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇ ହେବନାହିଁ, କାରଣ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଖଞ୍ଜାଯାଇଛି। ଫେସ୍‌ବୁକ୍ ବ୍ୟବହାରକାରୀର ମୃତ୍ୟୁ ହେଲେ ତାର ସୂଚନା ତା ଖାତା (ଆକାଉଂଟ)ରେ ଦିଆଯିବା ଆବଶ୍ୟକ। ତାପରେ ତାହା ସ୍ମୃତି ଖାତା ହୋଇଯାଏ ଓ ସେହି ବ୍ୟକ୍ତିର ଜନ୍ମଦିନ ଶୁଭେଚ୍ଛା ପଠାଇବା ବନ୍ଦ ହୋଇଯାଏ। ସମସ୍ୟା ହେଉଛି, କୋଟି କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିଲେ ହେଁ ସେମାନଙ୍କର ଖାତା ସ୍ମୃତି ହେବା ପାଇଁ ଯେଉଁ ବ୍ୟବସ୍ଥାଟି ରହିଛି, ଜାଣତ ବା ଅଜାଣତରେ ତାର ଠିକ ଉପଯୋଗ ହେଉନାହିଁ। ଆହୁରି ମଧ୍ୟ ଅନେକ ମୃତକଙ୍କ ଖାତାରୁ ସେମାନଙ୍କ ସମ୍ପର୍କୀୟ ସକ୍ରିୟ ରଖୁଥିବା ଜଣାଯାଏ। କେବଳ ସେତିକି ନୁହେଁ, ପାଶ୍ଚାତ୍ୟ ଜଗତରେ ଏଭଳି ଡିଜିଟାଲ ଆତ୍ମାକୁ ଅମର ରଖିବା ପାଇଁ ଅର୍ଥାତ୍ ସେହି ବ୍ୟକ୍ତିର ଇଣ୍ଟରନେଟ ଉପସ୍ଥିତିକୁ ସକ୍ରିୟ ରଖିବା ପାଇଁ ସେବା ଯୋଗାଇବାକୁ ମଧ୍ୟ କେତେକ କମ୍ପାନୀ ଖୋଲିଗଲାଣି। ଧରାଧାମରୁ ବିଦାୟ ନେଇସାରିଥିଲେ ହେଁ ଜଣକର ଡିଜିଟାଲ ଅସ୍ତିତ୍ୱ ବା ଡିଜିଟାଲ ଆତ୍ମା ଦୁନିଆରେ ବିଚରଣ କରୁ ବୋଲି ଚାହୁଁଥିବା ଲୋକେ ଉଭଟ ହେଲେ ବି ଏଭଳି ସେବାକୁ ଆପଣାଇଛନ୍ତି।

**ବିପିନ୍ ବିହାରୀ ରାଉତ**

ଶରୀରର ମୃତ୍ୟୁ ହେଲେ ବି ମଣିଷର ଡିଜିଟାଲ ଅବତାରକୁ ବଂଚାଇ ରଖାଯାଉଛି ଏଇଥିପାଇଁ ଯେ ଭବିଷ୍ୟତରେ କୌଣସି ବ୍ୟକ୍ତି ସେସବୁ ତଥ୍ୟ, ଫଟୋ ବା ଭିଡ଼ିଓକୁ ଆଧାର କରି ତା ସହ ସମ୍ବନ୍ଧ ଯୋଡ଼ି ପାରିବ। ତାର ଆଚାର, ବିଚାର ଆଦି ସମ୍ପର୍କରେ ଅବହିତ ହୋଇପାରିବ। ଆଜିକାଲି କୋଟି କୋଟି ଲୋକ ଫେସ୍‌ବୁକ୍‌ରେ କଥା, ଚିତ୍ର ବା ଭିଡ଼ିଓ ଉପସ୍ଥାପନ କରି ଆତ୍ମକଥା ଜଣାଇବାକୁ ଏକ ଦୈନନ୍ଦିନ କାର୍ଯ୍ୟରେ ପରିଣତ କରିଦେଲେଣି। ଯଦି ସେମାନଙ୍କ ମୃତ୍ୟୁର ଅନେକ ବର୍ଷ ପରେ କେହି ବନ୍ଧୁ ସେଗୁଡ଼ିକୁ ଦେଖେ, ତାହା ସଂପୃକ୍ତ ବ୍ୟକ୍ତିଟିର ଉପସ୍ଥିତିକୁ ଅନୁଭବ କରାଇଦେବ। ତେଣୁ ଫେସ୍‌ବୁକ୍‌ରେ ଡିଜିଟାଲ ଆତ୍ମାର ଏ ଅମରତ୍ୱ ଅନେକଙ୍କ ପାଇଁ ସାନ୍ତ୍ୱନାର ବିଷୟ ବୋଲି କୁହାଯାଉଛି।

ଆଧୁନିକ ସୂଚନା ପ୍ରଯୁକ୍ତି ଉଦ୍ୟୋଗ ଏହି ଡିଜିଟାଲ ଆତ୍ମାକୁ ଦୀର୍ଘଜୀବୀ କରିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ବାହାର କରୁଛି। କେତେକ ବୈଜ୍ଞାନିକ ଏଭଳି ରୋବଟ ତିଆରି କରୁଛନ୍ତି, ଯେଉଁମାନେ ମୃତ ବ୍ୟକ୍ତି ଭଳି ଦିଶିବେ ଓ ସେମାନଙ୍କ ଭଳି କଥା ବି କହିବେ। ଏହାଦ୍ୱାରା ମୃତକଟି ଅନ୍ୟମାନଙ୍କ ପାଇଁ ଅମର ହୋଇ ରହିବ। ଏହି କୃତ୍ରିମ ଅମରତ୍ୱ ଅନେକଙ୍କୁ ଆକର୍ଷଣୀୟ ଓ ମଜାଦାର ଲାଗୁଥାଇପାରେ। ମାତ୍ର ଏହା ଭିତରେ ଯେ ମନର ଦୁର୍ବଳତା ଲୁଚିରହିଛି, ଯାହା ତା ପାଇଁ ବିପଜ୍ଜନକ ତାହା ଜାଣିବା ଆବଶ୍ୟକ। ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ। ଜୀବନ ଯେତିକି ଜରୁରୀ, ମୃତ୍ୟୁ ବି ସେତିକି ଜରୁରୀ। ମଣିଷ ନିଜକୁ ସାନ୍ତ୍ୱନା ଦେବା ପାଇଁ କୃତ୍ରିମ ଅମରତ୍ୱ ସୃଷ୍ଟି ତାକୁ ଦିନେ ଯେ କବରଖାନାର ଭୂତ ହୋଇ ନ ଡରାଇବ, ତାହା କହିହେବ ନାହିଁ। ଡିଜିଟାଲ କବରଖାନାରେ ଥିବା କୋଟି କୋଟି ମୃତକଙ୍କ ସୂଚନା ଆମର ବାସ୍ତବ ପୃଥିବୀକୁ ମଧ୍ୟ ପ୍ରଭାବିତ କରିପାରେ ଅର୍ଥାତ୍ ମଣିଷର ଖୁସିକୁ ବଢ଼ାଇଦେବା ବଦଳରେ ସୁଖୀ ମଣିଷଟିକୁ ମଧ୍ୟ ଖୁବ୍ ଦୁଃଖୀ କରିଦେଇପାରେ। ମୃତ୍ୟୁକୁ ସ୍ୱାଭାବିକ ଭାବେ ମଣିଷ ଗ୍ରହଣ କରିବା ହିଁ ତା ପାଇଁ ଶ୍ରେୟସ୍କର। କୃତ୍ରିମ ଅମରତ୍ୱ କେବଳ ଏକ ଅବୋଧ ପରିକଳ୍ପନା।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍ଫୁଲ୍ଲତା, ଉନ୍ମଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତା ପ୍ରସାର କରିବା। ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି। ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ। ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ’ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତ୍ରତା ରଖିଥାଏ। ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତମ ଚିକିତ୍ସକଙ୍କୁ ସାକ୍ଷାତ କରିବା। ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତକୁ ଲୁଚାଇବା ନାହିଁ। ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି। ବର୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ ବାଞ୍ଛନୀୟ। ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ। କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ। ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି। ଆମ୍ଭର ପ୍ରାଚୀନ ଆଧ୍ୟାତ୍ମିକ ସଂସ୍କୃତି ହେଉ ବା ଚରକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା। ସବୁ କ୍ଷେତ୍ରରେ ଆମ ପାଇଁ ବଡ଼ ପ୍ରାସଙ୍ଗିକତା ରହିଥାଏ ନିଜ ରୋଗୀଟି ପାଇଁ ଅହର୍ନିଶ ତତ୍ତ୍ୱାବଧାନ। ଭାରତର ପ୍ରଧାନମନ୍ତ୍ରୀ ଜୁନ ଏକୋଇଶିକୁ ଯୋଗ ଦିବସ ଭାବେ ମାନ୍ୟତା ଓ ଗ୍ରହଣୀୟତାର ଯେଉଁ ନିୟମ କରିଥିଲେ ତାହା ଆଜି ସଫଳ ହୋଇଛି। ଚିକିତ୍ସା କ୍ଷେତ୍ରକୁ ବାଦ ଦେଲେ ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ ଏହି ଯୋଗର ନିଶ୍ଚିନ୍ତ ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ’ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ।

**ଡାକ୍ତର ସମ୍ରାଟ କର**

*ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ*

# ରାମାୟଣର ୧୧ଟି ସ୍ତମ୍ଭ

ଯୁଗ ଯୁଗ ଧରି ରାମାୟଣ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ମାନଙ୍କୁ ନିଜ ଦିବ୍ୟମୟ ଜୀବନ ପାଇଁ ରାସ୍ତା ଦେଖାଉଛି। ସେହିପରି ରାମାୟଣ ସହିତ ଏଗାଟି କ୍ଷେତ୍ର, ଘଟଣାବଳୀ ସଂଯୋଗ ହୋଇ ରହିଛି। ଏହାରି ଉପରେ ଆସନ୍ତୁ ଆଲୋକପାତ କରିବା।

ଅଯୋଧ୍ୟା : ଅଯୋଧ୍ୟା ହେଉଛି ସେହି ନଗରୀ, ଯେଉଁଠାରେ ଭଗବାନ ରାମ ମନୁଷ୍ୟ ଶରୀର ଧରି ଜନ୍ମ ହୋଇଥିଲେ ଏବଂ ସେହି ସ୍ଥାନ ଯେଉଁଠାରୁ ତାଙ୍କର ୧୪ ବର୍ଷର ବନବାସ ଆରମ୍ଭ ହୋଇଥିଲା। ଅଯୋଧ୍ୟା କୋଶଳ ରାଜ୍ୟର ରାଜଧାନୀ ଥିଲା। ଏହି ରାଜ୍ୟର ଇକ୍ଷାକୁ ରାଜବଂଶରେ ଭଗବାନ ରାମ ଜନ୍ମଗ୍ରହଣ କରିଥିଲେ। ଅଯୋଧ୍ୟାର ଦକ୍ଷିଣ ଭାଗର ଶେଷ ଅଂଶରେ ଥିବା ରାମକୋଟ ହିଁ ଭଗବାନ ରାମଙ୍କ ଅନ୍ତୁଡ଼ିଶାଳ।

ଜନକପୁର : ଜନକପୁର ହେଉଛି ରାମାୟଣର ସେହି ସ୍ଥାନ ଯେଉଁଠାରେ ମା’ସୀତା ଜନ୍ମ ନେଇଥିଲେ ଏବଂ ଭଗବାନ ରାମଙ୍କୁ ବିବାହ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ ଜନକପୁରର ରାଜା ଜନକ ମରୁଡ଼ିରୁ ରକ୍ଷା ପାଇବା ପାଇଁ ଏହି ଜମି କର୍ଷଣ କରିଥିଲେ ଏବଂ କର୍ଷଣ ସମୟରେ ମାଟି ଭିତରୁ ଏକ ପେଡ଼ି ପାଇଥିଲେ, ଯେଉଁଥିରେ ସୀତା ଥିଲେ। ସେହି କାରଣରୁ ଏହାକୁ ସୀତାମାଢ଼ି ମଧ୍ୟ କୁହାଯାଏ।

ପ୍ରୟାଗ : ଭଗବାନ ରାମ ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ଏହି ସ୍ଥାନରୁ ଗଙ୍ଗାନଦୀ ପାର ହୋଇଥିଲେ ନିଜ ରାଜ୍ୟର ସୀମା ବାହାରକୁ ଯିବା ପାଇଁ। ରାମାୟଣର ବର୍ଣ୍ଣନା ଅନୁଯାୟୀ ଏହି ତିନିଜଣ ଆଗକୁ ଯିବା ପୂର୍ବରୁ ଋଷି ଭରଦ୍ୱାଜଙ୍କ ଆଶ୍ରମରେ କିଛି ସମୟ କଟାଇଥିଲେ।

ଚିତ୍ରକୂଟ : ଏହି ସ୍ଥାନ ରାମାୟଣରେ ରାମ ଓ ଭରତଙ୍କ ମିଳନର ସ୍ଥଳ ଭାବରେ ବର୍ଣ୍ଣିତ। ଏହି ସ୍ଥାନରେ ଭରତ ଭଗବାନ ରାମଙ୍କୁ ଦଶରଥଙ୍କ ପରଲୋକ ସମ୍ପର୍କରେ ସୂଚନା ଦେବା ସହ ଅଯୋଧ୍ୟା ଫେରି ରାଜ୍ୟ ଶାସନ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଯେତେବେଳେ ରାମ ୧୪ ବର୍ଷ ବନବାସ ପାଇଁ ଅଟଳ ରହିଲେ ସେତେବେଳେ ସେ ଏହିଠାରେ ହିଁ ରାମଙ୍କ ପାଦୁକା ଗ୍ରହଣ କରିଥିଲେ ଏବଂ ରାମ ଅଯୋଧ୍ୟାକୁ ଫେରିବା ପର୍ଯ୍ୟନ୍ତ ଏହି ପାଦୁକାକୁ ରାଜ ସିଂହାସନରେ ସ୍ଥାପନ କରିଥିଲେ।

ଦଣ୍ଡକାରଣ୍ୟ : ଦଣ୍ଡକାରଣ୍ୟ ରାମାୟଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହିଠାରେ ରାବଣର ଭଉଣୀ ସୁପର୍ଣ୍ଣଖା ରାମଙ୍କୁ ଦେଖି ତାଙ୍କ ପ୍ରେମରେ ପଡ଼ିଥିଲା। କିନ୍ତୁ ଯେତେବେଳେ ରାମ ତାକୁ ସ୍ୱୀକାର କରିବାକୁ ମନା କରିଦେଲେ ସେ ନିଜ ଅନ୍ୟ ଦୁଇଭାଇ ଖର ଏବଂ ଦୁଷଣଙ୍କୁ ରାମଙ୍କୁ ଆକ୍ରମଣ ପାଇଁ ପଠାଇଥିଲା, ଯେଉଁମାନେ କି ରାମଙ୍କ ସହ ଯୁଦ୍ଧରେ ପ୍ରାଣ ହରାଇଥିଲେ। ହିନ୍ଦୁ ପୁରାଣ ଅନୁଯାୟୀ ଏହି ସ୍ଥାନ ଗୁରୁତ୍ୱପୂର୍ଣ୍ଣ, କାରଣ ମନୁଷ୍ୟ ନିଜର କୁକର୍ମ ପାଇଁ ପ୍ରାୟଶ୍ଚିତ କରିବା ନିମନ୍ତେ ଏହି ସ୍ଥାନକୁ ସର୍ବୋତମ ବିବେଚିତ କରାଯାଏ। ବର୍ତମାନ ରାମାୟଣ ବର୍ଣ୍ଣିତ ଘୋର ଜଙ୍ଗଲ ଦଣ୍ଡକାରଣ୍ୟ ରହିଛି ଛତିଶଗଡ଼-ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ମିଳିତ ଭାବରେ।

ପଂଚବଟୀ : ଦଣ୍ଡକାରଣ୍ୟ ଜଙ୍ଗଲ ମଧ୍ୟରେ ଯେଉଁ ସ୍ଥାନରେ ଭଗବାନ ରାମ ଏକ କୁଟୀର ସ୍ଥାପନ କରି ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ରହୁଥିଲେ ବନବାସ କାଳରେ ସେହି ସ୍ଥାନ ରାମାୟଣରେ ପଂଚବଟୀ ଭାବରେ ବର୍ଣ୍ଣିତ। ଏହି ସ୍ଥାନକୁ ତପବନ ମଧ୍ୟ କୁହାଯାଏ।

କିସ୍କିନ୍ଧା : ରାମାୟଣରେ ଏହା ବାନରମାନଙ୍କ ରାଜ୍ୟ ଭାବରେ ବର୍ଣ୍ଣିତ। ଏହି ସ୍ଥାନର ବର୍ଣ୍ଣନା ରାମାୟଣ ସହ ମହାଭାରତରେ ମଧ୍ୟ ନିଖୁଣ ଭାବରେ ରହିଛି। ବର୍ତମାନ ଏହି ବାନରଙ୍କ ରାଜ୍ୟ କର୍ଣ୍ଣାଟକର ହାମ୍ପି ନିକଟସ୍ଥ ତୁଙ୍ଗଭଦ୍ରା ନଦୀ ଆଖପାଖରେ ରହିଛି।

ଋଷ୍ୟମୁଖ ପର୍ବତ : ରାମାୟଣରେ ଏହା ରାମଙ୍କ ସହ ହନୁମାନଙ୍କ ଭେଟସ୍ଥଳୀ। ଯେତେବେଳେ ରାମ ଏବଂ ଲକ୍ଷ୍ମଣ ଅପହୃତା ସୀତାଙ୍କୁ ଖୋଜି ଖୋଜି ଏଠାରେ ପହଂଚିଥିଲେ ସେତେବେଳେ ହନୁମାନଙ୍କ ସହ ତାଙ୍କର ଭେଟ ହୋଇଥିଲା। ଏହି ଋଷ୍ୟମୁଖ ପର୍ବତରେ ସୁଗ୍ରୀବ ଏବଂ ହନୁମାନ ବାଳୀକୁ ଭୟ କରି ଲୁଚିଥିଲେ। ଋଷ୍ୟମୁଖ ପର୍ବତ ସହ ସଲଗ୍ନ ହୋଇ ରହିଛି ଅଞ୍ଜନେୟ ପର୍ବତ। ରାମାୟଣରେ ଏହି ପର୍ବତର ଗୁରୁତ୍ୱ ବର୍ଣ୍ଣନା କରାଯାଇଛି, କାରଣ ଏହି ପର୍ବତରେ ହନୁମାନ ଜନ୍ମ ନେଇଥିଲେ।

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ରାମେଶ୍ୱରମ୍ : ରାମାୟଣରେ ବର୍ଣ୍ଣିତ ଏହି ସ୍ଥାନରୁ ବାନରସେନା ରାମ ଲଙ୍କାରେ ପହଂଚିବା ପାଇଁ ରାମସେତୁ ନିର୍ମାଣ ଆରମ୍ଭ କରିଥିଲେ। ବିଶ୍ୱାସ କରାଯାଏ ଲଙ୍କାରୁ ଫେରିବା ପରେ ଦେବୀ ସୀତା ଏଠାରେ ଏକ ଶିବଲିଙ୍ଗ ସ୍ଥାପନ କରିଥିଲେ। ଏହିଠାରେ ରାମ ତାଙ୍କୁ ବ୍ରହ୍ମହତ୍ୟା ଦୋଷରୁ ମୁକ୍ତ କରିବା ପାଇଁ ଶିବଙ୍କୁ ଆରାଧନା କରିଥିଲେ। ରାମେଶ୍ୱରମ୍‌ର ରାମସେତୁ ଚୂନ ପଥରର ଏକ ଶୃଙ୍ଖଳ। ଯାହାକି ତାମିଲନାଡୁର ରାମେଶ୍ୱରମ୍ ଉପଦ୍ୱୀପ ଏବଂ ଶ୍ରୀଲଙ୍କାର ମାନାର ଦ୍ୱୀପକୁ ସଂଯୁକ୍ତ କରିଛି।

ଅଶୋକ ବାଟିକା : ଅଶୋକ ବାଟିକା ରାମାୟଣରେ ବର୍ଣ୍ଣିତ ଏକ ପୁଷ୍ପ ଉଦ୍ୟାନ। ଏହି ଉଦ୍ୟାନ ଥିଲା ରାକ୍ଷସରାଜ ରାବଣଙ୍କର। ସୀତାଙ୍କୁ ପଂଚବଟୀରୁ ଅପହରଣ କରି ଆଣିବା ପରେ ରାବଣ ତାଙ୍କୁ ଏହି ସ୍ଥାନରେ ରଖିଥିଲା। ସୀତା ରାବରଣ ମହଲରେ ରହିବାକୁ ମନା କରି ଏହି ଉଦ୍ୟାନର ଏକ ଅଶୋକ ବୃକ୍ଷ ତଳେ ବସିଥିଲେ, ତେଣୁ ଏହି ସ୍ଥାନ ଅଶୋକ ବାଟିକା।

ତାଲାଇମାନାର : ଭଗବାନ ରାମ ଶ୍ରୀଲଙ୍କାରେ ଯେଉଁ ସ୍ଥାନରେ ପ୍ରଥମେ ପାଦ ଦେଇଥିଲେ ସେଇ ସ୍ଥାନ ତାଲାଇମାନାର। ଏହିଠାରେ ହିଁ ରାବଣର ଶକ୍ତିଶାଳୀ ସେନାଙ୍କ ସହ ରାମଙ୍କର ଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ଯୁଦ୍ଧ ପରେ ରାମ ରାବଣଙ୍କୁ ବଧ କରି ବିଭୀଷଣଙ୍କୁ ଲଙ୍କାର ରାଜଗାଦିରେ ବସାଇଥିଲେ।

ଲେପାକ୍ଷି : ଆନ୍ଧ୍ରପ୍ରଦେଶରେ ଲେପାକ୍ଷି ନାମକ ଏକ ସ୍ଥାନ ରହିଛି। ରାମାୟଣରେ ରାବଣ ଦ୍ୱାରା ସୀତା ଅପହୃତ ହେଉଥିବାର ଚାକ୍ଷୁଷ ପ୍ରମାଣ ଜଟାୟୁ ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣ ସହ ଏଠାରେ ଯୁଦ୍ଧ କରିଥିଲେ ଓ ଏହି ସମ୍ବାଦ ରାମଙ୍କୁ ଜଣାଇବା ପାଇଁ ଭୀଷଣ ଆହତ ଅବସ୍ଥାରେ ଏଠାରେ ଅପେକ୍ଷା କରିଥିଲେ।

ହାମ୍ପି : ସେହି ସ୍ଥାନ ଯେଉଁଠାରେ ରାମ ହନୁମାନଙ୍କୁ ଭେଟିଥିଲେ। ଇତିହାସରେ ମଧ୍ୟ ଏହା ବିଜୟର ସ୍ଥାନ ଭାବରେ ଉଲ୍ଲେଖ ରହିଛି। ଏହି ସ୍ଥାନରେ ପାର୍ବତୀ ଶିବଙ୍କୁ ବିବାହ କରିଥିଲେ ବୋଲି ମଧ୍ୟ ପୁରାଣରେ ବର୍ଣ୍ଣନା ରହିଛି।

ସୀତା କଟୱା : ଯେତେବେଳେ ରାବଣ ସୀତାଙ୍କୁ ଅପହରଣ କରିନେଇଥିଲେ ସେତେବେଳେ ସେ ତାଙ୍କୁ ଏକ ସ୍ଥାନରେ ରଖିଥିଲେ ଯାହା ବର୍ତମାନ ସୀତା କଟୱା ନାମରେ ଖ୍ୟାତ।

ଦିବୁରୁମ୍ପୋଲା : ଦିବୁରୁମ୍ପୋଲା ଶବ୍ଦର ଅର୍ଥ ଶପଥର ସ୍ଥାନ। ଏହି ସ୍ଥାନ ରହିଛି ଶ୍ରୀଲଙ୍କାରେ। ରାବଣ ସହ ଯୁଦ୍ଧରେ ବିଜୟୀ ହୋଇ ଫେରିବା ପୂର୍ବରୁ ସୀତା ସେଠାରେ ଅଗ୍ନି ପରୀକ୍ଷା ଦେଇଥିଲେ।

କାନିଆ ଉଷ୍ଣପ୍ରସ୍ରବଣ : ଶ୍ରୀଲଙ୍କାର ତ୍ରିଙ୍କୋମାଲିରେ ଥିବା କାନିଆ ଉଷ୍ଣପ୍ରସ୍ରବଣ ଠାରେ ସାତଟି ଉତପ୍ତ ଜଳର କୂପ ରହିଛି। ପ୍ରତ୍ୟେକଟି କୂପ ୩-୪ଫୁଟ ଗଭୀର। ବିଶ୍ୱାସ କରାଯାଏ ରାବଣ ନିଜେ ଏହି କୂପଗୁଡ଼ିକ ନିର୍ମାଣ କରାଇଥିଲେ।

ଉଷାଙ୍ଗୋଦା : ଶ୍ରୀଲଙ୍କାରେ ଥିବା ଏହି ସ୍ଥାନକୁ ରାବଣ ନିଜର ପୁଷ୍ପକ ବିମାନ ରଖିବା ପାଇଁ ବ୍ୟବହାର କରୁଥିଲେ ବୋଲି ବିଶ୍ୱାସ କରାଯାଏ।

ବିଶ୍ରାକ : ବିଶ୍ୱାସ କରାଯାଏ ଏହି ସ୍ଥାନ ରାବଣଙ୍କ ଜନ୍ମସ୍ଥାନ। ଏହି ଛୋଟ ଗାଁ ରହିଛି ଉତରପ୍ରଦେଶରେ। ଭାରତରେ ଥିବା ଅଳ୍ପ କେଇଟି ରାବଣ ମନ୍ଦିର ମଧ୍ୟରୁ ଗୋଟିଏ ଏଠାରେ ଅଛି।

ମାଣ୍ଡସୌର : ମଧ୍ୟପ୍ରଦେଶର ଦଶାପୁର ବା ମାଣ୍ଡସୌର ରାମାୟଣର ବର୍ଣ୍ଣନା ଅନୁଯାୟୀ ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ଜନ୍ମ ସ୍ଥାନ।

ଧନୁଷକୋଡି : ତାମିଲନାଡୁର ପାମ୍ବନ୍ ଦ୍ୱୀପରେ ଏକଦମ୍ ଶେଷ ମୁଣ୍ଡରେ ଥିବା ଏକ କ୍ଷୁଦ୍ର ଗାଁ ଧନୁଷକୋଡି। ରାମ ଏହିଠାରୁ ସେତୁବନ୍ଧ ଆରମ୍ଭ କରିବାକୁ ବାନରସେନାଙ୍କୁ ପରାମର୍ଶ ଦେଇଥିଲେ ବୋଲି ବିଶ୍ୱାସ କରାଯାଏ।

ନିଲାୱାରୀ : ନିଲାୱାରୀ ଜାଫନାର ଏକ ବିଖ୍ୟାତ ଗ୍ରାମ। ବିଶ୍ୱାସ କରାଯାଏ ଯେତେବେଳେ ବାନରସେନା ଲଙ୍କାରେ ଜଳାଭାବର ସମ୍ମୁଖୀନ ହେଲେ ସେତେବେଳେ ରାମ ପୃଥିବୀ ବକ୍ଷକୁ ଏକ ଶର ମାରି ଏହି ଜଳଉତ୍ସ ସୃଷ୍ଟି କରିଥିଲେ। ଏହି କୂପର ଗଭୀରତା ଆଜି ମଧ୍ୟ ମପାଯାଇ ପାରିନାହିଁ ଏବଂ ଏହି କୂପର ଜଳ କେବେ ମଧ୍ୟ ଶୁଖିନାହିଁ।

ନାଗଫେଣୀ ଗୁମ୍ଫା : ଶ୍ରୀଲଙ୍କାର ସିଗିରିଆରେ ଏକ ଗୁମ୍ଫା ରହିଛି ଯାହାର ପ୍ରାକୃତିକ ଆକାର ନାଗସାପର ଫଣା ପରି। ଏହି ଗୁମ୍ଫାରେ ମଧ୍ୟ କିଛିଦିନ ପାଇଁ ରାବଣ ସୀତାଙ୍କୁ ବନ୍ଦୀ କରିଥିଲା ଓ ଅସୁରୀମାନେ ସେଠାରେ ତାଙ୍କୁ ଜଗି ରହିଥିଲେ।

*ଶିଖରପୁର ଉପରସାହି, କଟକ*



# ସୁଯୋଗକୁ ଅପେକ୍ଷା


ଅଭିନୟ ଏମିତି ଏକ କ୍ଷେତ୍ର ଯେଉଁଠି ଜଣେ କଳାକାରକୁ ସର୍ବଦା ସକ୍ରିୟ ରହିବାକୁ ପଡ଼ିବ। କୌଣସି କାରଣରୁ ଦର୍ଶକଙ୍କ ଦୃଶ୍ୟପଟରୁ ଥରେ ସେ ଅପସରିଗଲେ ପୁଣି ଥରେ ଫେରିବା କଷ୍ଟକର ହୋଇପଡ଼େ। ଅଭିନେତ୍ରୀ ଆଦିତି ଭାଟିଆଙ୍କ ଭାଗ୍ୟରେ ସେପରି କିଛି ଘଟିଛି। ଷ୍ଟାର୍ସ ପ୍ଲସରେ ୨୦୧୯ ଯାଏ ପ୍ରସାରଣ ଜାରି ରହିଥିବା ଲୋକପ୍ରିୟ ଧାରାବାହିକ ‘ୟେ ହୈ ମୋହବତେଁ’ର ରୁହି ଭାଲ୍ଲା ଚରିତ୍ର ପାଇଁ ଦର୍ଶକଙ୍କ ପାଖରେ ଏକ ପରିଚିତ ନାଁ ପାଲଟିଥିବା ଆଦିତିଙ୍କ ହାତ ଏବେ ସଂପୂର୍ଣ୍ଣ ଖାଲି। ଆଗରୁ ପାଞ୍ଚଟି ହିନ୍ଦୀ ସିନେମା ଓ ଦଶଟି ଧାରାବାହିକରେ ଅଭିନୟ କରିଥିବା ଆଦିତିଙ୍କର ନା ପୂର୍ବର ଲୋକପ୍ରିୟତା ଫେରିପାରୁଛି ନା ସେ ଅଭିନୟ ଜଗତ୍‌ରେ ସକ୍ରିୟ ରହି ନିଜ ଛବିକୁ ସତେଜ ରଖିପାରୁଛନ୍ତି। କେବଳ ସାମାଜିକ ଗଣମାଧ୍ୟମରେ ନିଜର କିଛି ମନଲୋଭା ଫଟୋ ଛାଡ଼ି ପୁରୁଣା ପ୍ରଶଂସକମାନଙ୍କୁ ଯାହା ଜାବୁଡ଼ି ଧରିବାକୁ ସେ ଚେଷ୍ଟା କରୁଛନ୍ତି। ମୁମ୍ବାଇଠାରେ ୧୯୯୯ ଅକ୍ଟୋବର ୨୯ରେ ଜନ୍ମ ନେଇଥିବା ଆଦିତିଙ୍କର ଶିକ୍ଷାରେ ସେଭଳି ପାରଦର୍ଶିତା ନଥିଲେ ବି ଜଣେ ଶିଶୁ କଳାକାର ଭାବେ ସେ ବେଶ ଅଗ୍ରଣୀ ଥିଲେ। ତେଣୁ ଯୁକ୍ତ ଦୁଇ ପଢ଼ିଥିବା ଆଦିତି ଅଭିନୟ ନିଶାକୁ ଜୀବନର ପେସା କରିବା ଲକ୍ଷ୍ୟରେ ଶୈକ୍ଷିକ ଦୁର୍ବଳତା ପାଇଁ ଆଦୌ ମନସ୍ତାପ କରିନଥିଲେ। ତାଙ୍କୁ ଯେତେବେଳେ ମାତ୍ର ପାଞ୍ଚ ବର୍ଷ, ହିନ୍ଦୀ ଧାରାବାହିକ ‘ହୋମ୍ ସ୍ୱିଟ୍ ହୋମ୍’ ମାଧ୍ୟମରେ ସେ ରୁପେଲି ପରଦାକୁ ପ୍ରବେଶ କରିଥିଲେ। ତେବେ ତାହାର ଦୁଇ ବର୍ଷ ପରେ ହିନ୍ଦୀ ଫିଲ୍ମ ‘ବିବାହ’ରେ ଏକ ସଂକ୍ଷିପ୍ତ ଶିଶୁ ଭୂମିକାରେ ଅବତୀର୍ଣ୍ଣ ହୋଇ ସେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସେଇ ବର୍ଷ ଧାରାବାହିକ ‘ଘର କି ଲକ୍ଷ୍ମୀ ବେଟିୟାଁ’ରେ ଅନୁରୂପ କ୍ଷୁଦ୍ର ଚରିତ୍ରରେ ତାଙ୍କୁ ଦେଖିବାକୁ ମିଳିଥିଲା। ତେବେ ତହିଁ ପରବର୍ଷ ହିନ୍ଦୀ ଫିଲ୍ମ ‘ସୁଟ୍‌ଆଉଟ୍ ଆଟ୍ ଲୋଖଣ୍ଡୱାଲା’ ଓ ‘ଦି ଟ୍ରେନ୍’ରେ ତାଙ୍କର ଭୂମିକା ତାଙ୍କୁ ଆଉଟିକେ ପରିଚିତ କରାଇଥିଲା। ସେହିପରି ଧାରାବାହିକ ‘ତୁଝ ସଙ୍ଗ ପ୍ରୀତ ଲଗାଇ ସାଜନା’ରେ ସେ ନିଭାଇଥିବା ତୁଳସୀ ଚରିତ୍ର ମଧ୍ୟ ବେଶ ଆକର୍ଷଣୀୟ ହୋଇପାରିଥିଲା। ତେବେ ମାଟ୍ରିକ୍ ପରୀକ୍ଷା ପରେ ହିନ୍ଦୀ ସିନେମା ‘ଚାନ୍ଦ୍ ପେ ଡ୍ୟାନ୍ସ’ରେ ତାଙ୍କର ଜଣେ ଅନୁଢ଼ା କିଶୋରୀ ଅବତାରକୁ ଦର୍ଶକ ବେଶୀ ଗ୍ରହଣ କରିଥିଲେ। ଏଥି ସହିତ ୨୦୧୫ରେ ସେ ନିଜର ସ୍ଥିତିକୁ କାଏମ୍ ରଖିବା ଲାଗି ଧାରାବାହିକ ‘ଟସନ୍-ଇ-ଇସ୍କ’ରେ କିଛି ପ୍ରଭାବୀ ଛାପ ଛାଡ଼ିପାରିଥିଲେ। ସର୍ବୋପରି ୨୦୧୬ରୁ ୨୦୧୯ ଯାଏ ପ୍ରସାରିତ ସୁଦୀର୍ଘ ଧାରାବାହିକ ‘ୟେ ହୈ ମୋହବତେଁ’ରେ ସେ ଆଶାତୀତ ଲୋକପ୍ରିୟତା ହାସଲ କରିଥିଲେ। ଏହି ଅବସରରେ ୨୦୧୭ରେ ମଧ୍ୟ ହିନ୍ଦୀ ସିନେମା ‘ସରଗୋସିୟାଁ’ରେ କୌଣସି ମତେ ସାମିଲ ହୋଇ ବଡ଼ ପରଦା ସହ ଯୋଡ଼ି ହୋଇଥିଲେ। ମାତ୍ର ତାହା ପରଠାରୁ ଆଉ ତାଙ୍କୁ କୌଣସି ଫିଲ୍ମ ପାଇଁ ପ୍ରସ୍ତାବ ଆସିନି। ଅପରପକ୍ଷେ, କିଛି ବାସ୍ତବଧର୍ମୀ ଟିଭି ଧାରାବାହିକରେ କେବଳ ପ୍ରତିଯୋଗୀ ସାଜି ଦର୍ଶକଙ୍କ ପାଖରେ ଆପଣାର ହେବାକୁ ସେ ଚେଷ୍ଟା ଜାରି ରଖିଛନ୍ତି। ଏବେ ବୟସ ଖସିନଥିଲେ ହେଁ ହାତରୁ ସମୟ ଖସି ଖସି ଯାଉଛି। ତଥାପି କୌଣସି ସୁଯୋଗ ଅପେକ୍ଷାରେ ଆଦିତି ରହିଛନ୍ତି।

# ଅଟୋ ଚଳାଉଛନ୍ତି ଇଂରାଜୀ ଅଧ୍ୟାପକ



ଅବସର ପରେ ରୋଜଗାର ଚିନ୍ତା। ଅଟୋ ଚଳାଇ ରୋଜଗାର କରୁଛନ୍ତି ଇଂରାଜୀ ଅଧ୍ୟାପକ। ବେଙ୍ଗାଲୁରୁର ଏହି ଉଚ୍ଚ ଶିକ୍ଷିତ ଅଟୋ ଚାଳକଙ୍କୁ ନେଇ ଚର୍ଚ୍ଚା। ଅଟୋ ଚଳାଇବାକୁ ନେଇ ନାହିଁ ସଂକୋଚ। କୁହନ୍ତି, ମୁଁ ରାସ୍ତାର ରାଜା। ଏବେ ଜଣେ ଅଟୋ ଚାଳକଙ୍କୁ ନେଇ ବେଶ୍ ଚର୍ଚ୍ଚା। ତାଙ୍କ ଶିକ୍ଷା, ବୟସ ଏବଂ ଚିନ୍ତାଧାରାକୁ ନେଇ ହିଁ ଆଲୋଚନା। ୭୪ବର୍ଷୀୟ ଏହି ଅଟୋ ଚାଳକ ଉଚ୍ଚ ଶିକ୍ଷିତ। ଜଣେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ। ନାଁ ତାଙ୍କର ପଟାବି ରମନ। ମୁମ୍ବାଇ ପୋଆଇର ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ସେ ଅଧ୍ୟାପକ ଭାବେ କାମ କରୁଥିଲେ। କିନ୍ତୁ ଦରମା କମ୍ ଥିଲା। ବେସରକାରୀ ସଂସ୍ଥା ବୋଲି ତାଙ୍କୁ ଅବସର ପରେ ପେନସନ ମଧ୍ୟ ମିଳିଲାନି। ଚାକରି ସରିବା ପରେ ବେଙ୍ଗାଲୁରୁ ଆସିଗଲେ। ସେଠାରେ ତାଙ୍କୁ ତାଙ୍କ ଜାତି ପାଇଁ ତାଙ୍କୁ ଚାକିରି ମିଳିଲାନି। ରୋଜଗାର ପାଇଁ ଶେଷରେ ସେ ଅଟୋ ଚଲାଇବା ଆରମ୍ଭ କଲେ। ଗତ ୧୪ବର୍ଷ ହେବ ସେ ବେଙ୍ଗାଲୁରୁରେ ଅଟୋ ଚଲାଉଛନ୍ତି। ପଟାବି କୁହନ୍ତି, ଅବସର ସମୟରେ ସେ ୧୫ହଜାର ଟଙ୍କା ପାଉଥିଲେ। ଏବେ କିନ୍ତୁ ସେ ଅଟୋ ଚଲାଇ ଦିନକୁ ୭୦୦ରୁ ୧୫୦୦ଟଙ୍କା ରୋଜଗାର କରୁଛନ୍ତି। ଏତିକି ରୋଜଗାରରେ ସେ ତାଙ୍କ ଗର୍ଲଫ୍ରେଣ୍ଡ ଏବଂ ପିଲା ଆରାମରେ ଚଳୁଛନ୍ତି। ଧର୍ମ ପତ୍ନୀଙ୍କୁ ଗର୍ଲଫ୍ରେଣ୍ଡ ବୋଲି ଡାକନ୍ତି ପଟାବି। କାରଣ ତାଙ୍କୁ ଲାଗେ ପତ୍ନୀ ଡାକରେ ବେଳେବେଳେ ଦାସତ୍ୱ ଭାବନା ରହିଯାଏ। ତେଣୁ ପତ୍ନୀଙ୍କୁ ଖୁସି କରିବାକୁ ସେ ତାଙ୍କୁ ଗର୍ଲଫ୍ରେଣ୍ଡ ବୋଲି ଡାକନ୍ତି। ପଟାବି କୁହିଛନ୍ତି, ଅଟୋ ଚଲାଇବା ପାଇଁ ତାଙ୍କୁ ଆଦୌ ସଙ୍କୋଚ ଲାଗେନି। ମତେ ଲାଗେ ମୁଁ ରାସ୍ତାର ରାଜା। ଯେତେବେଳେ ଚାହିଁବି ରାସ୍ତାକୁ ଆସିବି। ଯେତେବେଳେ ଚାହିଁବି ରାସ୍ତାରୁ ଯିବି। ସତରେ ଏସବୁ ପଛରେ ପଟାବିଙ୍କ ଶିକ୍ଷାହିଁ ବଡ କାରଣ ବୋଲି କୁହାଯାଇପାରେ।

# ବ୍ରିଟିଶ ଛାତ୍ରୀଙ୍କ ପ୍ରେମରେ କଏଦୀ



ପ୍ରେମ କାହା ସହିତ କେତେବେଳେ ହେବ ତାହା କହି ହୋଇ ନଥାଏ। ପ୍ରେମ ଜାତି, ଗୋତ୍ର, ଧର୍ମ, ରଙ୍ଗ କିମ୍ବା ଉଚ୍ଚତା ଦେଖେ ନାହିଁ। ଇଂଲଣ୍ଡରୁ ଏଭଳି ଏକ ଅଦ୍ଭୁତ ପ୍ରେମ କାହାଣୀ ସାମ୍ନାକୁ ଆସିଛି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ମନୋବିଜ୍ଞାନର ଜଣେ ବ୍ରିଟିଶ ଛାତ୍ରୀ ଜଣେ କଏଦୀ ପ୍ରେମରେ ପଡି ଯାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଛାତ୍ରୀ ଜଣକ ଥରଟେ ହେଲେ ବି କଏଦୀ ସହିତ ଭେଟ କରି ନଥିଲେ କି ତାକୁ ଦେଖି ନଥିଲେ ।

କେବଳ ଏତିକି ନୁହେଁ ଏହି କୁଖ୍ୟାତ ଅପରାଧୀ ନାମରେ ଛାତ୍ରୀ ଛାତିରେ ଏକ ଟାଟୁ ମଧ୍ୟ ଆଙ୍କିଥିଲେ। ଉକ୍ତ ଛାତ୍ରୀ ଜଣକ ବ୍ରିଟେନର ବ୍ରିଷ୍ଟଲରେ ବସବାସ କରନ୍ତି। ଜ୍ୟାକି ମ୍ୟାକଡାନାଲ୍ଡ ନାମକ ଜଣେ ୩୦ ବର୍ଷ ବୟସର ମନୋବିଜ୍ଞାନ ଛାତ୍ରୀ ୨୦୧୯ରେ ‘ଡକ୍ସସପ୍ପର ବ ଚକ୍ସସପ୍ପକ୍ଟଭରକ୍ସ’ ପାଇଁ ସାଇନ୍ ଅପ୍ କରିଥିଲେ। ଏହା ପରେ ସେ ୩୧ ବର୍ଷ ଆଲେକଜେଣ୍ଡର୍ ନାମକ ଜଣେ କଏଦୀ ସହ କଥା ହେବା ଆରମ୍ଭ କରିଥିଲେ। ଏହି କଏଦୀ ଡକାୟତି ମାମଲାରେ ଧରାପଡ଼ି ଜେଲ ଯାଇଥିଲା। କଥାବାର୍ତ୍ତା ହେଉହେଉ ଜ୍ୟାକିଙ୍କୁ କଏଦୀର କଣ୍ଠସ୍ୱର ବହୁତ ଭଲ ଲାଗିଥିଲା। ଜ୍ୟାକି ଡକାୟତର କଥାରେ ପ୍ରଭାବିତ ହୋଇ ଭଲ ପାଇ ବସିଥିଲେ। ଏମିତି କି ମନୋବିଜ୍ଞାନ ଛାତ୍ରୀ ୩ ମାସ ମଧ୍ୟରେ କଏଦୀକୁ ସାକ୍ଷାତ ନକରି ଛାତିରେ କୁଖ୍ୟାତ ଅପରାଧୀ ନାମରେ ଟାଟୁ ବି ଆଙ୍କି ଦେଇଥିଲେ। ଏହା ପରେ ସେ ଅପରାଧୀକୁ ଭେଟିବା ପାଇଁ ଆମେରିକାରେ ପହଞ୍ଚିଥିଲେ। ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବା ପରେ ଅପରାଧୀ ନିଜେ ଜେଲରେ ଥାଇ ଛାତ୍ରୀଙ୍କୁ ପ୍ରେମ ପ୍ରସ୍ତାବ ଦେଇଥିଲା। ଏହା ପରେ ଦୁହିଁଙ୍କ ନିର୍ବନ୍ଧ ହୋଇଯାଇଥିଲା।

# ଅପରାଜିତା ଫୁଲରୁ ବ୍ଲୁ ଟି’



ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି’ ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା’ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରରଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା ’ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି’ ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି’ ପିଇବା ଦ୍ୱାରା କଣ ଲାଭ ମିଳିଥାଏ। ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା’ ପିଇପାରିବେ। ବ୍ଲୁ ଟି ’ ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ। ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ। ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି ’ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ। କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।



# ହଲିଉଡ୍‌ରେ ରିଚା ଚଡ୍ଢା

ବଲିଉଡ୍‌ର ଜଣାଶୁଣା ସୁନ୍ଦର ଏବଂ ଷ୍ଟାଇଲିଶ ଦେଖାଯାଉଥିବା ରିଚା ଚଡ୍ଢା ଖୁବ୍ ପରିଚିତ। ସେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଅଲଗା ଅଲଗା ଚରିତ୍ର ପାଇଁ ବେଶ ଲୋକପ୍ରିୟ। ତାଙ୍କୁ ନେଇ ଏବେ ନୂଆ ଖବର ଶୁଣିବାକୁ ମିଳୁଛି। ବର୍ତ୍ତମାନ ବଲିଉଡରେ ନିଜର ଦମ୍‌ଦାର ଅଭିନୟ କରିବା ପରେ ଏବେ ହଲିଉଡରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଅଭିନେତ୍ରୀ ରିଚା ଚଡ୍ଢାଙ୍କୁ ହଲିଉଡ ଫିଲ୍ମ ଆପ୍ରୋଚ କରାଯାଇଛି। କୁହାଯାଉଛି କି ତାଙ୍କୁ ବଡ ଅଫର ମଧ୍ୟ ମିଳିଛି। ରିଚା ଏଥିରେ ରାଜକୀୟ ମାଲିକାଣୀ ଭୂମିକାରେ ନଜର ଆସିବେ। ଏହି ପ୍ରୋଜେକ୍ଟ ପାଇଁ ରିଚା ନିଜର ଟ୍ରେନିଂ ତଥା ତାଲିମ୍ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଏବେ ରିଚା ଘୋଡାଚାଳନାର ଅଭ୍ୟାସ କରୁଛନ୍ତି। ଏହା ପୂର୍ବରୁ ରିଚା ବଏଫ୍ରେଣ୍ଡ ତଥା ଅଭିନେତା ଅଲ୍ଲୀ ଫେଜଲ ସହିତ ବିଗ୍ ବଜଟେ ଫିଲ୍ମରେ ନଜର ଆସିଥିଲେ। ଯାହାର ଫଟୋ ଏବଂ ଭିଡିଓ ନିଜ ଇନଷ୍ଟାଗ୍ରାମରେ ସେୟାର କରିଥିଲେ। ହଲିଉଡରେ ବଏଫ୍ରେଣ୍ଡଙ୍କୁ ସଫଳତା ମିଳିବା ପରେ ଏବେ ରିଚା ମଧ୍ୟ ହଲିଉଡରେ ଏଣ୍ଟ୍ରି ମାରିବାକୁ ଯାଉଛନ୍ତି। ରିଚାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କହିବାକୁ ଗଲେ, ରିଚା ଏବେ ଅଲ୍ଲୀ ଫୈଜଲଙ୍କୁ ଦୀର୍ଘ ଦିନରୁ ଡେଟ୍ କରୁଛନ୍ତି। ଖବର ଆସିଥିଲା କି ଦୁହେଁ ଖୁବ୍ ଶୀଘ୍ର ବିବାହ କରିବେ । କରୋନା ପାଇଁ ତାଙ୍କ ବିବାହ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ଦୁହିଁଙ୍କ ବିବାହକୁ ନେଇ ଅନେକ ଦିନରୁ ତାଙ୍କ ଫ୍ୟାନ୍ସମାନେ ଚାହିଁ ରହିଛନ୍ତି। ରିଚା ଖୁବ୍ ଶୀଘ୍ର ‘ଫୁକରେ ୩’ରେ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ସୁଟିଂ ଦିଲ୍ଲୀରେ ହେଉଛି। ଏଥିରେ ମଧ୍ୟ ପ୍ରମୁଖ ଭୂମିକାରେ ଅଲ୍ଲୀ ଫୈଜଲ ରହିଛନ୍ତି।

# ଟ୍ରେନ୍‌ରେ ଆବଶ୍ୟକ ହୁଏ ଭିସା ଓ ପାସପୋର୍ଟ




ଭାରତୀୟ ରେଲୱେ ବିଶ୍ୱର ଚତୁର୍ଥ ଏବଂ ଏସିଆର ଦ୍ୱିତୀୟ ସବୁଠାରୁ ବଡ ରେଲୱେ ନେଟୱର୍କ। ଭାରତରେ ସମୁଦାୟ ୮୩୩୮ ରେଲୱେ ଷ୍ଟେସନ ଅଛି। କିନ୍ତୁ ଜାଣିଛନ୍ତି କି ଦେଶରେ ଏମିତି ଏକ ରେଲୱେ ଷ୍ଟେସନ ଅଛି ଯେଉଁଠିକି ଯିବା ପାଇଁ ଆପଣଙ୍କୁ ଭିସା ଏବଂ ପାସପୋର୍ଟ ଆବଶ୍ୟକ ପଡିଥାଏ। ଯଦି କେହି ବିନା ଭିସାରେ ଯାଏ ତେବେ ତାକୁ ଜେଲ୍ ଯିବାକୁ ପଡିପାରେ। ଏହି ରେଲୱେ ଷ୍ଟେସନର ନାଁ ଅଟାରୀ। ଏବେ ଏହି ଷ୍ଟେସନ ଅଟାରୀ ଶ୍ୟାମ ସିଂହ ଷ୍ଟେସନ ନାଁରେ ଜଣାଯାଏ। ଏଠାକୁ ଯିବା ପାଇଁ ପାକିସ୍ତାନୀ ଭିସା ବାଧ୍ୟତାମୂଳକ କରିଦିଆଯାଇଛି। ଗୁଇନ୍ଦା ଏବଂ ସୁରକ୍ଷା ଏଜେନ୍ସିରେ ୨୪ ଘଣ୍ଟା ଘେରିରହିଥିବା ଏହି ରେଲୱେ ଷ୍ଟେସନକୁ ବିନା ଭିସାରେ ପହଞ୍ଚିଲେ ଦେଶର କୌଣସି ବି ନାଗରିକ ବିରୁଦ୍ଧରେ ୧୪ ଫରେନ୍ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇପାରେ। ଏହି ରେଲୱେ ଷ୍ଟେସନରୁ ଦେଶର ସବୁଠାରୁ ଭିଭିଆଇପି ଟ୍ରେନ୍ ସମଝୌତା ଏକ୍ସପ୍ରେସକୁ ଗ୍ରୀନ୍ ସିଗନାଲ୍ ମିଳେ। କହିରଖୁଛୁ ସମଝୌତା ଏକ୍ସପ୍ରେସ କଶ୍ମୀରର ଧାରା ୩୭୦ ହଟିବା ପରଠୁ ବନ୍ଦ ଅଛି। ଏହା ଦେଶର ପ୍ରଥମ ରେଲୱେ ଷ୍ଟେସନ ଯେଉଁଠି ଟ୍ରେନକୁ ସବୁଜ ପତାକା ଦେଖାଇବା ପାଇଁ ସୀମା ଶୁଳ୍କ ବିଭାଗ ସହିତ ଟ୍ରେନରେ ବସିଥିବା ଯାତ୍ରୀଙ୍କଠୁ ଅନୁମତି ନିଆଯାଏ। ଏହା ହେଉଛି ଦେଶର ଶେଷ ରେଲୱେ ଷ୍ଟେସନ। ଏହାର ଗୋଟେ ପଟେ ଅମୃତସର ଏବଂ ଅନ୍ୟ ପଟେ ଲାହୋର। ଟ୍ରେନ୍ ବନ୍ଦ ହେବା ପରେ ମଧ୍ୟ ଷ୍ଟେସନରେ ସବୁବେଳେ କିଛି ନା କିଛି ଜରୁରି କାମ ଚାଲିଥାଏ।

# ଜିନ୍ଦଲ ହଟାଅ ଭିଟାମାଟି ବଞ୍ଚାଅ ଦାବିରେ ଚାଷୀ ଓ ମହିଳାମାନଙ୍କ ମେଳି



ପାଟଣା ୨/୩(ନି.ପ୍ର): ଆଜି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଯମୁନାପଶି ହାଟ ପଡିଆଠାରେ ଜିନ୍ଦଲ ହଟାଅ ଭିଟାମାଟି ବଞ୍ଚାଅ ଏକ ଜିନ୍ଦଲ ବିରୋଧୀ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଯମୁନାପଶି, କୋଡ଼ଖମଣ, ପଦ୍ମକେଶରପୁର, ନୂଆଖମଣ, କିମିର୍ଦାପୋଷି, ଧରୁଆପଡା, ରାଇକଳା, ନୂଆଗାଁ, ବାରୁଡ଼ିପଷି, ଭୃଙ୍ଗରାଜପଶି, ଚେମେଣା, ଚିଲିଦା, ବଳିଆପସି, ରେଙ୍ଗାଲବେଡା, ଅଙ୍ଗିକଳା, ଧନୁର୍ଜୟପୁର, ବାରଡ଼ାଙ୍ଗୁଆ, ଗୋଡିପୋଖରୀ ଗ୍ରାମର ର ଶହ ଶହ ସଂଖ୍ୟାରେ ଚାଷୀ, ମହିଳା, ଛାତ୍ର, ଯୁବକ ସାମିଲ ହୋଇଥିଲେ। ବରିଷ୍ଠ ଚାଷୀ ନେତା ଘନଶ୍ୟାମ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ର ରାଜ୍ୟ ସମ୍ପାଦକ କମ୍ରେଡ଼ ରଘୁନାଥ ଦାସ ଯୋଗ ଦେଇ ତାଙ୍କ ଭାଷଣ ପ୍ରସଙ୍ଗରେ ଜିନ୍ଦଲ ସହ ହୋଇଥିବା ଏମ.ଓ.ୟୁ ବାତିଲ କରିବା, ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କରିବା, ସରକାରୀ ଉଦ୍ୟୋଗରେ ଶିଳ୍ପ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ପୁରୁଷ ପୁରୁଷ ଧରି ଦଖଲ କରି ଆସୁଥିବା ଚାଷପଯୋଗୀ ଓ ବସପଯୋଗୀ ଜମିକୁ ଦଖଲ ଦାର ମାନଙ୍କୁ ପଟ୍ଟା ନଦେଇ କମ୍ପାନୀକୁ ଟେକିଦେବା ଯେ ବିଜେପି ସରକାରଙ୍କ କମ୍ପାନୀ ପ୍ରୀତିର ଅସଲ ଚରିତ୍ର ପ୍ରକାଶ ପାଉଛି, ତାହା କ୍ରମଶଃ ସ୍ପଷ୍ଟ ହେଉଛି ବୋଲି କମ୍ରେଡ଼ ଦାସ ପ୍ରଶ୍ନ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ ନାଏକ, ସରୋଜ କୁମାର ସିଂହ, ରବିନ୍ଦ୍ର କୁମାର ମହାନ୍ତ, ପ୍ରକାଶ ମଲ୍ଲିକ, ବେଣୁଧର ସର୍ଦ୍ଦାର, ମଞ୍ଜୁଲତା ମହାନ୍ତ, ଗୁରୁବାରୀ ସର୍ଦ୍ଦାର, ଲିପିବାଳା ନାଏକ ଓ ଲକ୍ଷ୍ମୀପ୍ରିୟା ମହାନ୍ତ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଜିନ୍ଦଲ କମ୍ପାନୀ ହଟିବା ଯାଏ ସଂଘର୍ଷ ଜାରି ରଖିବୁ ବୋଲି ସଂକଳ୍ପ କରିଛନ୍ତି। ଏହି ସଭାରେ ଜିନ୍ଦଲ ପ୍ରତିରୋଧ ମଞ୍ଚ ଗଠନ କରାଯାଇଛି। ମଞ୍ଚର କର୍ମକର୍ତ୍ତା ଭାବେ କମ୍ରେଡ଼ ରଘୁନାଥ ଦାସ ଉପଦେଷ୍ଟା, ଘନଶ୍ୟାମ ମହାନ୍ତ ସଭାପତି, ଉପସଭାପତି ଭାବେ ଅଚ୍ୟୁତାନନ୍ଦ ନାଏକ, ସରୋଜ କୁମାର ସିଂହ, ପ୍ରକାଶ ମଲ୍ଲିକ, ରବିନ୍ଦ୍ର କୁମାର ମହାନ୍ତ ନିର୍ବାଚିତ ହୋଇଥିବାବେଳେ ବେଣୁଧର ସର୍ଦ୍ଦାର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

## ଦୁଇ ପରିବାର ମଧ୍ୟରେ ମାରପିଟ, ଜଣେ ମୃତ, ଦୁଇ ଆହାତ



ବୁଗୁଡ଼ା ,୨/୩(ନି.ପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ବିରଞ୍ଚିପୁର ନୂଆଁଗାଁ ଗ୍ରାମରେ ଦୁଇ ପରିବାର ମଧ୍ୟରେ ମାରପିଟ ଘଟି ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଆହାତ ହୋଇଛନ୍ତି । ମୃତବ୍ୟକ୍ତି ବଳରାମ ନାହକ ହୋଇଥିବା ଜଣାପଡିଛି କ୍ଷ ଗତକାଲି ରାତିରେ ଗ୍ରାମରେ ଭୋଜି ଚାଲିଥିବା ସମୟରେ ବଳରାମ ଙ୍କ ସହ ଗ୍ରାମର ଗୋଟିଏ ପରିବାର ମଧ୍ୟରେ ପ୍ରଥମେ ବଚସା ପରେ ମାରପିଟ ହୋଇଥିଲେ କ୍ଷ ଘଟଣାରେ ବଳରାମ ଗୁରୁତର ହୋଇଥିବା ବେଳେ ଦୁଇ ଜଣ ମହିଳା ଆହାତ ହୋଇଥିଲେ । ଉଭୟ ଙ୍କୁ ଚିକିତ୍ସା ନିମନ୍ତେ ବିଳମ୍ବିତ ରାତିରେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତି କରାଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ବଳରାମ ଙ୍କ ମୃତ୍ୟୁ ହୋଇଛି। ତେବେ ଉଭୟ ପରିବାର ମରାପିଟ ର ପ୍ରକୃତ କାରଣ ଜଣାପଡିନଥିବା ବେଳେ ଖବରପାଇ ବୁଗୁଡ଼ା ପୋଲିସ ମେଡ଼ିକାଲରେ ପହଞ୍ଚି ତଦନ୍ତ ଚଳାଇଛି। ଆଜି ସକାଳ ୧୧ ସମୟରେ ବଳରାମଙ୍କ ମା ଦୁର୍ମିଳା ନାହାକ ବୁଗୁଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହାସହିତ ତାଙ୍କ ପରିବାରକୁ ଗରିବ ଶ୍ରେଣୀର ହୋଇଥିବା ବେଳେ ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ପକ୍ଷରୁ ନିବେଦନ କରିଥିଲେ ।ଅଭିଯୋଗ କୁ ଭିତ୍ତିକରି ବୁଗୁଡା ପୋଲିସ ଥାନା କେଶ ନଂ ୧୩୩/ ୨୫ ପ୍ରକାରେ ଏକ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଆଇଆଇସି ସିତାଂସୁ ଶେଖର ମାନ୍ଧାତା ପ୍ରକାଶ କରିଛନ୍ତି।

## ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲ ଛାତ୍ରୀଙ୍କ କୃତିତ୍ୱ

ବୁଗୁଡା ୨/୩(ନି.ପ୍ର): ସ୍ଥାନୀୟ ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ରୀ ସାଇଶ୍ରୀ ସ୍ୱାଇଁ ଟାଏକୋଣ୍ଡୋରେ ବ୍ଲାକ ବେଲ୍ଟ ହାସଲ କରି ଅଞ୍ଚଳରେ ଚର୍ଚ୍ଚିତ ହେବା ସହ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଥିବା ଜଣାଯାଇଛି । ସେ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ବ୍ଲାକ୍ ବେଲ୍ଟ ହାସଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏହି କୃତିତ୍ୱ ହାସଲ କରିଛନ୍ତି । ଏଥି ସହ ବ୍ରହ୍ମପୁରଠାରେ ଆୟୋଜିତ ଓପନ୍ ଷ୍ଟେଟ୍ ଟାଏକୋଣ୍ଡୋ ଚମ୍ପିଆନସିପ୍ ସିଜନ-ଫାଇଭରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ ପୂର୍ବକ ଅଞ୍ଚଳ ଓ ସ୍କୁଲ ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, କୋଚ୍ ନିରଞ୍ଜନ ଗୌଡଙ୍କ ଦ୍ୱାରା ତାଲିମ ପାଇ ସାଇଶ୍ରୀ ଏହି ବ୍ଲାକବେଲ୍ଟ ହାସଲ କରିବାରେ ବୁଗୁଡା ଅଞ୍ଚଳର ପ୍ରଥମ ବାଳିକା ଭାବେ ବିବେଚିତ ହୋଇଛନ୍ତି।

## ବିଜୁ ବାବୁଙ୍କ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ



ପୋଲସରା/ବୁଗୁଡ଼ା ୨/୩(ନି.ପ୍ର): ବିଜୁବାବୁଙ୍କ ଜୟନ୍ତୀ ପାଳନ ନେଇ ପୋଲସରା ଓ ବୁଗୁଡ଼ା ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ୨୮/୦୨/୨୫ ତାରିଖ ଦିନ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମାର୍ଚ୍ଚ ୫ ତାରିଖରେ ୧୦୯ ତମ ଜନ୍ମ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବ୍ଲକ ବିଜୁ ଜନତା ଦଳ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ଦଳୀୟ ସଂଗଠନକୁ ସୁଦୃଢ କରିବା, ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ଦଳର ନୀତି ନିୟମକୁ ପାଳନ କରିବା ଓ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ବିଜୟ କୁମାର ସ୍ୱାଇଁ, ପୁର୍ବତନ ଏନ୍ ଏ ସି ଅଧକ୍ଷ ପ୍ରଫୁଲ କୁମାର ପ୍ରଧାନ, ଜିଲ୍ଲା ପରିଷଦ ମେମ୍ବର ଅଶୋକ କୁମାର ବିଷୋୟୀ, ବିକ୍ରମ ନାୟକ ଓ ଝୁନୁ ଦାସ , ନଗର ମହିଳା ବିଜୁ ଜନତା ଦଳ ସଭାନେତ୍ରୀ କନକ ରାଉତ,ବ୍ଲକ ଅଧକ୍ଷା ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଏନ୍ ଏ ସି ଅଧକ୍ଷା ପ୍ରତିନିଧି ଶିଶିର ବେହେରାଙ୍କ ସମେତ ଅନ୍ୟ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା ହୋଇଥିଲା। ସେହିପରି ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତର କଦମ୍ବ ମଠରେ ୦୧/୦୩/ ୨୫ ତାରିଖ ଦିନ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ ଓ ମାର୍ଚ୍ଚ ୦୮ ଆନ୍ତର୍ଜାତିକ ମହିଳା ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇଥିଲେ। ବୁଗୁଡ଼ା ବ୍ଲକ୍ ଓ ଏନ୍. ଏ.ସି ର ଜନ ପ୍ରତିନିଧି ଓ ବିଜୁ ଜନତା ଦଳର ବରିଷ୍ଠ କର୍ମୀ ବୃନ୍ଦ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ନିଶ୍ଚିନ୍ତକୋଇଲି ଟିପିସିଓଡିଏଲର ଜୁଲମ - ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ



ନିଶ୍ଚିନ୍ତକୋଇଲି ୨/୩(ନି.ପ୍ର): ନିଶ୍ଚିନ୍ତକୋଇଲି ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ରାମକୃଷ୍ଣପୁର ପଂଚାୟତ ଦହପଡା ଗ୍ରାମରେ ନିଶ୍ଚିନ୍ତକୋଇଲି ଟିପିସିଓଡିଏଲ୍ର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ବକେୟା ବିଦ୍ୟୁତ ଅର୍ଥ ଆଦାୟ ପାଇଁ ଜୁଲମ କରୁଥିବା ଏବଂ ଯେଉଁମାନେ ସଂପୂର୍ଣ୍ଣ ବକେୟା ଅର୍ଥ ପଇଠ କରିପାରୁନାହାଁନ୍ତି ସେମାନଙ୍କ ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରାଯାଉଥିବାରୁ ବିଦ୍ୟୁତ ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ଦହପଡା ଗ୍ରାମରେ ଦେବେନ୍ଦ୍ର ସାମଲଙ୍କ ନାମରେ ଥିବା ବିଦ୍ୟୁତ ଉପଭୋକ୍ତା ନମ୍ବର ୮୦୦୦୫୬୯୩୯୫୯ ରେ ବକେୟା ବିଦ୍ୟୁତ ବିଲ୍ ଥିବାରୁ ତାଙ୍କ ଘରୁ ବିଦ୍ୟୁତ ସଂଯୋଗକୁ ବିଦ୍ୟୁତ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ସଂପୂର୍ଣ୍ଣ ବକେୟା ଅର୍ଥ ପଇଠ କରିବା ପାଇଁ ଜୁଲମ୍ କରିଥିବା ସହ ସଂପୂର୍ଣ୍ଣ ଅର୍ଥ ପଇଠ ନକଲେ ବିଦ୍ୟୁତ ସଂଯୋଗ ଛିନ୍ନ କରାଯିବା ପାଇଁ ଧମକ ଦେଇଥିଲେ । ଏଠାରେ ସୂଚନା ଥାଉ କି ଉକ୍ତ ବିଦ୍ୟୁତ ଉପଭୋକ୍ତାଙ୍କ ପ୍ରାୟ ୪ ମାସ ପୂର୍ବେ ବିୟୋଗ ଘଟିଛି । ଉକ୍ତ ପରିବାର ବର୍ତ୍ତମାନର ପ୍ରତ୍ୟେକ ମାସର ବିଦ୍ୟୁତ ଦେୟ ବାବଦ ଅର୍ଥ ଟିପିସିଓଡିଏଲ୍କୁ ପଇଠ କରୁଛନ୍ତି । ଡିପିସିଓଡିଏଲ୍ ଜୁଲମରେ ଉପଭୋକ୍ତାଙ୍କ ପରିବାର ଅଧିକାରୀ ଓ କର୍ମଚାରୀମାନଙ୍କୁ ବକେୟା ଅର୍ଥରୁ କିଛି ଅର୍ଥ ପଇଠ କରିବା ପାଇଁ କହିଲେ ମଧ୍ୟ ବିଦ୍ୟୁତ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ସେସବକୁ ନ ଶୁଣି ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗକୁ ଛିନ୍ନ କରିଛନ୍ତି । ଏଠାରେ ସୂଚନା ଥାଉ କି ବ□ମାନ ଅସହ୍ୟ ଗୁଳୁଗୁଳି ହେଉଥିଲା ବେଳେ +୨ ଶେଷ ବର୍ଷ ପରୀକ୍ଷା ଓ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଚାଲୁ ରହିଛି । ବିଦ୍ୟୁତ ବିଚ୍ଛିନ୍ନ ହେବାରୁ ଅସହ୍ୟ ଗରମରେ ବୃଦ୍ଧ ବୃଦ୍ଧା ଓ ଛୋଟ ଛୋଟ ପିଲାମାନେ ଯନ୍ତ୍ରଣା ଭୋଗୁଥିଲା ବେଳେ ଛାତ୍ର ଛାତ୍ରୀମାନଙ୍କ ପାଠ ପଢାରେ ମଧ୍ୟ ବ୍ୟାଘାତ ଘଟୁଛି । ଟିପିସିଓଡିଏଲ୍ରେ କାର୍ଯ୍ୟରତ ରାମକୃଷ୍ଣପୁର ଅଂଚଳର ଜନୈକ ଯୁବକ ଆକ୍ରୋଶ ମୂଳକ ଭାବେ ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ଏଭଳି ଜୁଲମ କରୁଥିଲା ବେଳେ ଅନ୍ୟ କିଛି ବିଦୁତ ଉପଭୋକ୍ତାଙ୍କଠାରୁ ସେମାନଙ୍କର ବକେୟା ଥିବା ଅର୍ଥର ଅଳ୍ପ କିଛି ନେଇ ମଧ୍ୟ ସେମାନଙ୍କର ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରୁନଥିବା ଅଭିଯୋଗ ହେଉଛି । ଟିପିସିଓଡିଏଲ୍ର ଏଭଳି ଜୁଲମ ଓ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନକୁ ସାଧାରଣରେ ନାପସନ୍ଦ କରାଯାଇଛି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି ପ୍ରତ୍ୟେକ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ବିଜୁଳି ମୁକ୍ତ ଦେବାକୁ କହିଥିଲା । ୨୦୨୪ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ରାଜ୍ୟରେ ସରକାର ଗଢିଲା । ହେଲେ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ମିଳିଲା ନାହିଁ । ମାଗଣା ବିଜୁଳି ତ ମିଳିଲା ନାହିଁ ଓଲଟା ଅଭାବୀ ପରିବାରର ବିଦ୍ୟୁତ ଉପଭୋକ୍ତା ବକେୟା ବିଦ୍ୟୁତ ଅର୍ଥ ପଇଠ କରିବାରେ ଅସମର୍ଥ ହେବାରୁ ସଂପୃକ୍ତ ଉପଭୋକ୍ତାମାନଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ବିଜ୍ଞାନ ପ୍ରଚାର ସମିତି ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ

ସାଲେପୁର୨/୩(ନି.ପ୍ର): ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖା ତରଫରୁ ସାଲେପୁର ନିକଟସ୍ଥ ସାବିତ୍ରୀ ଦେବୀ ଆବାସିକ ଉଚ୍ଚତର ବିଜ୍ଞାନ ବିଦ୍ୟାଳୟ ପୁରୁଷୋ□ମପୁର ଶିଶୁଆଠାରେ ସମିତିର ସଭାନେତ୍ରୀ ମେଜର ମଞ୍ଜୁଶ୍ରୀ ପତିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉକ୍ତ ମହାବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ରନାଥ ପତି ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ବୈଜ୍ଞାନିକ ସିଭି ରମଣଙ୍କ ଭଳି ନିଜକୁ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରଧାପକ ଡଃ. ପ୍ରଭାତ କିଶୋର ନାୟକ ଯୋଗଦେଇ ବିକଶିତ ଭାରତ ଗଠନରେ ଛାତ୍ର ଛାତ୍ରୀମାନେ ବିଜ୍ଞାନର ଗବେଷଣାତ୍ମକ ପ୍ରୟୋଗ କରିପାରିଲେ ଭାରତ ବିଶ୍ୱଗୁରୁ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମିତିର ପ୍ରତିଷ୍ଠାତା ପ୍ରାକ୍ତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁକାନ୍ତ କିଶୋର ମହାନ୍ତି, ଉପଦେଷ୍ଟା ଡଃ. ପୂର୍ଣ୍ଣଚନ୍ଦ୍ର ଓଝା, ଉପସଭାପତି ଶିକ୍ଷାବିତ୍ ବିପିନିବିହାରୀ କର, ଯୁଗ୍ମ ସଂପାଦକ ଦିବାକର ପ୍ରଧାନ, ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିବା ସହ ସିଭି ରଣମଙ୍କ ଜୀବନୀ ଉପରେ ମାର୍ଗ ଦର୍ଶନକରିଥିଲେ । ସମିତିର ଅନ୍ୟତମ ଉପଦେଷ୍ଟା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ. ଉମେଶ ଚନ୍ଦ୍ର ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମିତିର ସଂପାଦକ ମହେଶଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

## ବିବାହ ବନ୍ଧନରେ ବାନ୍ଧିହେଲେ ମାହାଙ୍ଗା ବିଧାୟକ ଶାରଦା

ମାହାଙ୍ଗା ୨/୩(ନି.ପ୍ର): ମାହାଙ୍ଗା ସ୍ୱାଧୀନ ବିଧାୟକ ଶାରଦା ପ୍ରଧାନ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି । ଓଡିଶା ପ୍ରଶାସନିକ ବିଭାଗରେ ତାଲିମ ନେଉଥିବା କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଜଆଁରାବାରିମୂଳ ଗ୍ରାମର ରମେଶ ଚନ୍ଦ୍ର ବଳଙ୍କ ଜ୍ୟେଷ୍ଠା କନ୍ୟା ସିପ୍ରା ପ୍ରିୟଦର୍ଶିନୀ ୨୭ ବର୍ଷ ଙ୍କ ସହିତ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପୋଡାମରାଇ ପଂଚାୟତ ପୂର୍ବତନ ସରପଂଚ ବ୍ରଜବନ୍ଧୁ ପ୍ରଧାନଙ୍କ ସୁପୁତ୍ର ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ବିବାହ ସୁଦୁର ରାଜସ୍ଥାନର ଜୟପୁର ସହରର ଏକ ରାଜକୀୟ ହୋଟେଲରେ ଉଭୟ ଉଭୟଙ୍କୁ ସାତ ଜନ୍ମର ସାଥି ଭାବେ ବନ୍ଧନରେ ବାନ୍ଧି ହେଉଛନ୍ତି । ସେଥିପାଇଁ ଉଭୟ ବର ଓ କନ୍ୟା ପକ୍ଷରୁ ପରିବାର ସଦସ୍ୟ ମଧ୍ୟ ରାଜସ୍ଥାନ ଯାଇଛନ୍ତି । ବିବାହ ଉତ୍ସବ ପାଇଁ ପିଙ୍କସିଟି ଜୟପୁରରେ ପହ□ଛନ୍ତି ବନ୍ଧୁ ବାନ୍ଧବ ଓ ଆତ୍ମୀୟ ସ୍ୱଜନ । ତା. ୧.୩.୨୦୨୫ ରିଖ ଶନିବାର ଦିନରେ ହଳଦି ଉତ୍ସବ ପରେ ବୁଲୁ ଆଉ ମାମୁନୀ ପରସ୍ପର ହାତ ଧରାଧରି ହୋଇ ବୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ତା. ୦୨.୦୩.୨୦୨୫ ରିଖ ରବିବାର ଉଭୟଙ୍କ ମଧ୍ୟରେ ବିବାହ କାର୍ଯ୍ୟ ସଂପନ୍ନ ହେବ । ଉଭୟଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ପାଇଁ ମାହାଙ୍ଗା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଶାରଦାପ୍ରେମୀମାନେ ଉଭୟଙ୍କ ଦାମ୍ପତ୍ୟ ଜୀବନ ସୁଖ ଓ ସମୃଦ୍ଧିମୟ ହେଉ ବୋଲି ଶୁଭେଚ୍ଛାବା□ା ପ୍ରଦାନ କରିଛନ୍ତି ।

## ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ସର୍ବୋଚ୍ଚ ନ୍ୟାୟଳୟଙ୍କ ଭାବପ୍ରବଣତା

### ଏକ ସପ୍ତାହ ଭିତରେ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ

ପାଟଣା ୨/୩(ନି.ପ୍ର): ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ପାଇଁ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ମାନ୍ୟବର ସୁପ୍ରିମକୋର୍ଟ ଡବ୍ଲୁ.ପି (ସି) ୧୩୨; ୨୦୧୬ ତା: ୨୮/୧୦/ ୨୦୨୧ ରେ ଏକ ରାୟ ଶୁଣାଣି କରି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତ୍ୟେକ ସାଧାରଣ ସରକାରୀ ବିଦ୍ୟାଳୟରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟର ନ୍ୟାୟାଧିଷ ସୁଧାଂଶୁ ଧୂଳିଆ ଓ କେ.□ିନୋଦ ଙ୍କ ଖଣ୍ଡ ପୀଠରେ ସେହି ରାୟ ଉପରେ ଆଜି ଶୁଣାଣି ହୋଇଥିଲା।ଏହି ଶୁଣାଣି ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟ ସମସ୍ତ ରାଜ୍ୟକୁ ଏକ ସପ୍ତାହ ଭିତରେ ସତ୍ୟପାଠ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣୀ ବେଳେ ଖଣ୍ଡପିଠ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଭାବପ୍ରବଣତାରେ କହିଲେ ୨୮ ଅକ୍ଟୋବର ୨୦୨୧ ଓ ୨୧ ଜୁଲାଇ ୨୦୨୨ ଆଦେଶକୁ କୌଣସି ସରକାର ଅନୁପାଳନ କରି ନାହାନ୍ତି ।ଏହା ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ଯେ ପ୍ରତ୍ୟେକ ରାଜ୍ୟ ଏହାକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବା ଉଚିତ୍। ନିର୍ଦ୍ଦେଶଗୁଡିକ ପାଳନ ନକରିବା ପାଇଁ ପ୍ରତ୍ୟେକ ରାଜ୍ୟ ଗୋଟିଏ ପରେ ଗୋଟିଏ ବାହାନା କରୁଛନ୍ତି । ଓଡିଶା ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୃଷ୍ଟି ଅଗ୍ନିହୋତ୍ରୀ ନିଜର ପକ୍ଷ ଉପସ୍ଥାପନ କରିଥିଲେ। ଏହି ରାୟ ପରେ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ ସଂଘ କହିଛି, ମାନ୍ୟବର ସୁପ୍ରିମକୋର୍ଟ ବାରମ୍ବାର ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆମେ ବାରମ୍ବାର ରାଜ୍ୟ ସରକାର ଙ୍କୁ ଦାବି ଉପସ୍ଥାପନ କରୁଥିଲେ ମଧ୍ୟ ରାଜ୍ୟ ସରକାର କାହିଁକି ଦୃଷ୍ଟି ଆକର୍ଷଣ କରୁନାହାନ୍ତି,ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଖୁବଶୀଘ୍ର ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକର ବିଜ୍ଞାପନ ବାହାର କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି ରଖୁଛି। ସଙ୍ଗଠନ ମଧ୍ଯ ବାରମ୍ବାର ଆଲୋଚନା କରିବା ପରେ ବିଫଳ ହେଇଛି । ବିଭିନ୍ନ ମହଲରୁ ଦାବି ଉଠିଛି ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁ , ଏ ନେଇ ପ୍ରଦେଶ କଂଗ୍ରେସ କମିଟି ମଧ୍ୟ ପ୍ରେସ ମିଟ କରିଥିଲେ । ଓଡ଼ିଶାରେ ପ୍ରାୟ ଆର୍ ସି ଆଇ ସହ ପଞ୍ଜୀକୃତ ଯୋଗ୍ୟ ୮୦୦୦ ହଜାରରୁ ଅଧିକ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଅଛନ୍ତି


### *ସମସ୍ୟା ଘେରରେ ଜମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ*

# ବିପଦସଂକୁଳ ଘରେ ପଢୁଛନ୍ତି ଛାତ୍ର ଛାତ୍ରୀ



ନିଶ୍ଚିନ୍ତକୋଇଲି ୨/୩(ନି.ପ୍ର): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଜମରା ପଂଚାୟତରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏହି ପଂଚାୟତରେ ଉକ୍ତ ବିଦ୍ୟାଳୟଟି ଏକମାତ୍ର ଉଚ୍ଚ ବିଦ୍ୟାଳୟ ହୋଇଥିଲେ ମଧ୍ୟ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଶିକ୍ଷା ବିଭାଗର ନଜର ନାହିଁ । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଶ୍ରେଣୀ ଗୃହର ଘୋର ଅଭାବ ଦେଖାଦେଇଛି । ଏହି ବିଦ୍ୟାଳୟରେ ପୂର୍ବରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା ବେଳେ ଗୋଟିଏ ପଂଚାୟତରେ ଗୋଟିଏ ହାଇସ୍କୁଲ ରହିବା ନିୟମରେ ସରକାର ସିଧାସଳଖ ଭାବେ ୨୦୧୫ ମସିହାରେ ଏଠାରେ ଏକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଖୋଲିଥିଲେ । ଏହି ବିଦ୍ୟାଳୟ ଖୋଲିବା ଦିନ ଠାରୁ ସଠିକ୍ ପରିମାଣରେ ଶ୍ରେଣୀଗୃହ ଓ ଉପଯୁକ୍ତ ପଦବୀରେ ଶିକ୍ଷକ ନଥିବା ଅଭିଯୋଗ ହେଉଛି । ପରବର୍ତ୍ତୀ ସମୟରେ ଉଚ୍ଚ ବିଦ୍ୟାଳୟଟି ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହେବାରୁ ବିଦ୍ୟାଳୟରେ ୨ଟି କୋଠାଘର ନିର୍ମାଣ କରାଯାଇଛି । ବର୍ତ୍ତମାନ ସୁଦ୍ଧା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀମାନେ ଏକ ବିପଦସଂକୁଳ ଭଙ୍ଗା ଦଦରା ଆଜବେଷ୍ଟ ଘରେ ବସି ପାଠ ପଢୁଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ରୁ ଉର୍ଦ୍ଧ୍ୱ ପିଲା ରହିଥିବାବେଳେ ମାତ୍ର ୩ଜଣ ଶିକ୍ଷକ ଥିବାରୁ ଶିକ୍ଷାଦାନରେ ବାଧା ଉପୁଜୁଛି । ଗୋଟିଏ ଲେଖାଏଁ କୋଠରୀରେ ୨ରୁ ୩ଟି ଶ୍ରେଣୀର ଛାତ୍ର ଛାତ୍ରୀମାନେ ଏକାଠି ବସି ପଢୁଥିବା ଦେଖିବାକୁ ମିଳିଛି । ଉକ୍ତ ବିଦ୍ୟାଳୟରୁ ବିଗତ ୧ବର୍ଷ ହେବ ତଥା ୨୦୨୩ ମସିହା ମାର୍ଚ୍ଚ ମାସରୁ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ସାହୁ ଅବସର ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ସ୍ଥାନରେ କେହି ନୂତନ ପ୍ରଧାନଶିକ୍ଷକ ଆସିନାହାଁନ୍ତି । ଫଳରେ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଗୋଟିଏ ତାଲିମ ପ୍ରାପ୍ତ କଳା ଶିକ୍ଷକ ପଦବୀ, ଶାରୀରିକ ଶିକ୍ଷକ ପଦବୀ, କାର୍ଯ୍ୟାଳୟ ସହକାରୀ ପଦବୀ , ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଓ ରାତ୍ର ଜଗୁଆଳ ପଦବୀ ମଧ୍ୟ ଖାଲି ରହିଛି । ସରକାରଙ୍କର ବିଭିନ୍ନ ତାଲିମ କାର୍ଯ୍ୟକ୍ରମ , ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଓ ରେକର୍ଡ଼ପତ୍ର ଗଠନ କରିବା କାର୍ଯ୍ୟକ୍ରମରେ ଶିକ୍ଷକ ମାନେ ଅନେକ ସମୟରେ ନିୟୋଜିତ ହୋଇଥିବାରୁ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହେଉଛି । ଫଳରେ ଦିନକୁ ଦିନ ଛାତ୍ର ଉପସ୍ଥାନ କମିବାରେ ଲାଗିଛି । ଏହାଛଡ଼ା ଏହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ଭଲ ରୋଷେଇ ଘରଟିଏ ନଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଲାଟିନ୍ ମଧ୍ୟ ନାହିଁ । ଏହି ବିଦ୍ୟାଳୟ କୁ ଅନେକ ସମୟରେ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ଏବଂ ସ୍ଥାନୀୟ ବିଧାୟକ ପରିଦର୍ଶନରେ ଆସିଥିଲେ ମଧ୍ୟ ବିଦ୍ୟାଳୟର କୌଣସି ସମସ୍ୟା ସମାଧାନ ହେଉନଥିବାରୁ ଅଭିଭାବକ ଏବଂ ଗ୍ରାମବାସୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । । ତୁରନ୍ତ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ସମେତ ଖାଲି ପଡ଼ିଥିବା ଅନ୍ୟାନ୍ୟ ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି ।

## ଥଇଥାନ ନକରି ଚକୁଳି ଫାର୍ମ ଜବରଦଖଲ ଉଚ୍ଛେଦରେ ଅତାବିରା ତହସିଲ ର ଅକଲ ଗୁଡୁମ୍



ବରଗଡ ୨/୩(ନି.ପ୍ର): ବରଗଡ ଜିଲ୍ଲା ଅତାବିରା ୫୩ନଂ ମୁଖ୍ୟ ଜାତୀୟ ରାଜପଥ ସମ୍ବଲପୁର-ବରଗଡ ୱେ ସତୀ ଜୋର୍ ନିକଟ ସର୍ଭିସ୍ ରୋଡ କୁ ଲାଗି ରହିଥିବା ସ୍ଥାନରେ ୩୦ ପରିବାର ବାପ ଅଜା ଅମଳରୁ ଦୀର୍ଘ ୭୦ବର୍ଷ ହେବ ବସବାସ କରି କୁଲି ମଜୁରୀ କରି ନିଜର ଗୁଜୁରାଣ ମେଣ୍ଟାଇ ପରିବାର ପୋଷଣ କରିଆସୁ ଥିଲେ ।କିନ୍ତୁ ଏମାନଙ୍କୁ ଥଇଥାନ ନକରି ଜବର୍ ଦଖଲ ଉଚ୍ଛେଦ କରିଥିବା ଯୋଗୁଁ ଆଜି ଅତାବିରା ତହସିଲଦାର୍ ଙ୍କୁ ଘେରି ରଖି ଥଇଥାନ ନକରି କିଭଳି ଆମକୁ ଏଭଳି ପଦକ୍ଷେପ ଗ୍ରହଣ କେତେ ଠିକ୍ ତାହା ଜବାବ ମାଗିଛନ୍ତି ଲୋକେ ।କେବଳ ବଡ ବଡିଆ ଙ୍କ ପାଇଁ ସରକାର କି ? ଯାହା ନିରୀହ ଆଦିବାସୀ ଭୂମି ହିନ ପରିବାର ଙ୍କ ପାଇଁ ଏ ଅନ୍ୟାୟ କାହିଁକି ବୋଲି ଛୋଟ ଛୋଟ ପିଲାଙ୍କୁ ଧରି କୋହଭରା କଣ୍ଠରେ ଏବେ ଆମେ କେଉଁଠି ରହିବୁ ତାର ଥଇଥାନ କର ନଚେତ ଅନିର୍ଦ୍ଦିଷ୍ଟ କାଳ ପାଇଁ ପରିବାର ଲୋକେ ରୋଷେଇ ବାସ କରି ଅଦି ରହିଛନ୍ତି ।ଏମାନଙ୍କ ମଧ୍ୟରୁ କେତେକ ପରିବାର ଙ୍କ ପିଲାଛୁଆ ଚତୁର୍ଥ,ପଞ୍ଚମ, ଷଷ୍ଠ,ଅଷ୍ଟମ,ଦଶମ ଓ ଯୁକ୍ତ ୨ ଶ୍ରେଣୀ ର ପିଲା ପଢା ରୁ ବଞ୍ଚିତ ରହିବା ସହ ଏବେ ପୁଣି ମ୍ୟାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ।ସେଥି ମଧ୍ୟରୁ ମ୍ୟାଟ୍ରିକ ପରୀକ୍ଷା ରିତା ହରିପାଲ, ମହିମା ଜତି ନାଗ ଓ ଯୁକ୍ତ ୨ ରେ ଅକ୍ଷ ସୁନା ଓ ନୀତେଶ କୁମାର ନିଜ ଘର ଭଙ୍ଗା ଯାଇଥିବା ଯୋଗୁଁ ପରୀକ୍ଷାରୁ ମଧ୍ୟ ବଞ୍ଚିତ ରହିଥିବା ପରିବାର ମାନଙ୍କ ପକ୍ଷରୁ ଜଣା ପଡ଼ିଛି ।ଏନେଇ ତହସିଲଦାର କେ ରୀଚି କୁମାର ଙ୍କୁ ପଚରା ବୁଝା ରୁ ଜଣା ପଡ଼ି ଥିଲା ଯେ ଉଚ୍ଛେଦ ପରିବାର ଙ୍କୁ ସମସ୍ତ ପ୍ରୟାସ କରିବା ସହ ସେମାନଙ୍କୁ ଗୋଟିଏ ମାସ ମଧ୍ୟରେ ଜାଗା ପଟ୍ଟା ସହ ଘର ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇ ଥିଲେ ।ହେଲେ ଉକ୍ତ ଉଚ୍ଛେଦ ପରିବାର ଯେ ପର୍ଯ୍ୟନ୍ତ ଆମର ଥଇଥାନ କରାନ ଯିବ ସେ ପର୍ଯ୍ୟନ୍ତ ଅତାବିରା ତହସିଲ କାର୍ଯ୍ୟାଳୟ ଭିତରେ ଘର କରି ରହିବୁ ବୋଲି ଚେତାବନୀ ଦେଇଛନ୍ତି ।

# ଶୌଚ ହେବା ପାଇଁ ଯାଇ ବୁଡି ଗଲେ ବୃଦ୍ଧ

ପାଟଣା ୨/୩(ନି.ପ୍ର): ପାଟଣା ବ୍ଲକ ବଡପାଟଣା ପଞ୍ଚାୟତ କୁଆପଶି ଗ୍ରାମର ନବକିଶୋର ମହାନ୍ତ (୬୫) ଆଜି ଭୋରରୁ ଶୌଚ ପାଇଁ ପୋଖରୀକୁ ଯାଇଥିବା ସମୟରେ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି । ପରେ ପରେ ଲୋକେ ପୋଖରୀକୁ ଯାଇ ନବଙ୍କ ଶବ ଭାସୁଥିବା ଦେଖି ଘରଲୋକଙ୍କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଶବକୁ ଉଦ୍ଧାର କରି ପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏ ନେଇ ପାଟଣା ପୁଲିସ ପକ୍ଷରୁ ୩୩/ ୨୦୨୫ ମୂଳେ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯିବା ପରେ ମରଶରୀର ତାଙ୍କ ପରିବାରକୁ ହସ୍ତାନ୍ତର କରଯାଇଛି । ଅପର ପକ୍ଷରେ ମୃତକଙ୍କ ପୁଅ ବଳରାମ ମହାନ୍ତ ତାଙ୍କ ପିତା ଙ୍କୁ ହତ୍ୟା କରି ପୋଖରୀ ରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ କରିଥିବା ରୁ ପୁଲିସ ମୃତକ ଙ୍କ ଭିସେରା ପରୀକ୍ଷା ପାଇଁ ପଠାଇବ ବୋଲି ଥାନା ଏସ ଆଇ ମନୋରମା ସ୍ୱାଇଁ ସୂଚନା ଦେଇଛନ୍ତି ।

## ହନୁମାନ ମନ୍ଦିର ର ବାର୍ଷିକ ଉତ୍ସବ ଉଦଯାପିତ

ପାଟଣା ୨/୩(ନି.ପ୍ର): ସାହାରପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ ଚାତର ପାଣି ରାସ୍ତା କଡରେ ଥିବା ହନୁମାନ ମନ୍ଦିର ର ବାର୍ଷିକ ଉତ୍ସବ ଆଜି ଉଦଯାପିତ ହୋଇ ଯାଇଛି । ଏହା ଗତ ୨୭ ତାରିଖ ରୁ ଆରମ୍ଭ ହୋଇ ଥିଲା ତିନି ଦିନ ଧରି ହୋମ ଯଜ୍ଞ ସହିତ ହନୁମାନ ଚାଳିଶା ପାଠ କରାଯାଉଥିଲା । ଆଜକୁ ୬ ବର୍ଷ ତଳେ ୩୦ ଫୁଟ ଉଚ୍ଚ ର ହନୁମାନ ଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହୋଇ ପୂଜାପାଠ ପୂର୍ବକ ପ୍ରତିଷ୍ଠା କରା ଯାଇଥିଲା । ସେହି ବର୍ଷ ଠାରୁ ପ୍ରତିବର୍ଷ ଏହି ଦିନରେ ବାର୍ଷିକ ଉତ୍ସବ ପାଳନ ହୋଇ ଆସୁଛି । ୩ ଦିନ ଯାକ ଖିଚୁଡ଼ି ଭୋଗ ସମସ୍ତ ଙ୍କୁ ପ୍ରଦାନ କରା ଯାଉଥିଲା କ୍ଷ ଗ୍ରାମର ସମସ୍ତ ଅଧିବାସୀ ତଥା ଆଖ ପାଖ ଗ୍ରାମବାସୀ ବହୁ ସଂଖ୍ୟା ରେ ରୁଣ୍ଡ ହୋଇଥିଲେ କ୍ଷ କମିଟି ର ସଭାପତି ଦୟାନିଧି ମହାନ୍ତ, ପିତାମ୍ବର ମହାନ୍ତ, ସହଦ୍ଵେ ମହାନ୍ତ ଓ ଯଶୋବନ୍ତ ମହାନ୍ତ ଙ୍କ ସମେତ ଗ୍ରାମ ର ଅନେକ ଉଦୀୟମାନ ଯୁବକ ମାନଙ୍କ ପୂର୍ଣ୍ଣ ସହଯୋଗ ରେ କାର୍ଯ୍ୟକ୍ରମ ଟି ର ଆଜି ପରିସମାପ୍ତି ହୋଇ ଛି ।

## ଭୁଜାଲି ମୁଣ୍ଡରେ ଲଗାଇ ଘରୁ ଚୋରି କରିନେଲେ ଚୋର

ସିମୁଳିଆ ୨/୩(ନି.ପ୍ର): ବରି ଅଞ୍ଚଳରେ ଅଙ୍ଗନବାଡି ଦିଦିଙ୍କୁ ଘରେ ପଶି ହତ୍ୟା କରିବା ଓ କିଛିଦିନ ପରେ ତାଙ୍କ ଘର ଗ୍ରୀଲ ଭାଙ୍ଗି ପୁନଶ୍ଚ ଚୋରୀ କରିବା ଘଟଣା ଅଞ୍ଚଳ ବାସୀଙ୍କ ମନରେ ନ ଲିଭୁଣୁ ଗତକାଲି ବିଳମ୍ବିତ ରାତିରେ ୪ଜଣ ଦୁର୍ବୃତ୍ତମାନେ ଆସି ମୁଣ୍ଡରେ ଭୁଜାଲି ଲଗାଇ ଟଙ୍କା,ଅଳଙ୍କାର ଚୋରୀ କରିନେବା ଘଟଣା ଅଞ୍ଚଳବାସୀ ଭୟବିତ ଥିବା ଜଣାଯାଇଛି । ସୁଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ବରି ମେଳକ ଗ୍ରାମର ମାଧିଆ ଶିଅଳଙ୍କ ଘରେ ଶୁକ୍ରବାର ବିଳମ୍ବିତ କବାଟ ତାଡି ୪ଜଣ ଦୁର୍ବୃତ୍ତ ଘରେ ପଶିଥିଲେ । ଶବ୍ଦ ଶୁଣି ପରିବାର ଲୋକଙ୍କ ନିଦ ଭାଙ୍ଗିଯିବାରୁ ଦୁର୍ବୃତ୍ତ ମାନେ ନାତି ମୁଣ୍ଡରେ ଭୁଜାଲି ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଗଦରେଜ ଭାଙ୍ଗି ଘର କାମ ନିମନ୍ତେ ୭୦ହଜାର ଟଙ୍କା ଓ ରୁପା କଏନ ୭ଟି ଏବଂ ନାକଫୁଲ ୨ଟି ନେଇଯାଇଥିଲେ। ପରେ ଗ୍ରାମବାସୀ ଆସିବା ବେଳକୁ ଦୁର୍ବୃତ୍ତମାନେ ସେ ସ୍ଥାନ ଛାଡି ପଳାଇ ଯାଇଥିଲେ । ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ । ଖବର ପାଇ ସିମୁଳିଆ ଥାନାଧିକାରୀ ଶ୍ରବଣ କୁମାର ମହାରଣା ରାତିରେ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିଲେ । ଆଜି ଅନୁସନ୍ଧାନୀ କୁକୁର ଟିମ ଆସି ତଦନ୍ତ କରିଥିବା ଜଣାଯାଇଛି । ପରିବାର ଲୋକ କହିବା ଅନୁଯାୟୀ ୨ଜଣ ପତଳା ଓ ୨ଜଣ ମୋଟା ବ୍ୟକ୍ତି ଥିବା ବେଳେ ମୁହଁରେ କଳାପଟି ପିନ୍ଧିଥିଲେ ।

# ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ଛାତ୍ରଛାତ୍ରୀଙ୍କ ସଂଘର୍ଷ

ମୟୂରଭଞ୍ଜ ୨/୩(ନି.ପ୍ର): ରାଇରଙ୍ଗପୁର ବ୍ଲକର ଏକମାତ୍ର ଉଚ୍ଚମାଧ୍ୟମିକ ଶିକ୍ଷାନୁଷ୍ଠାନ ଗୋରୁମହିସାଣି ଆଇରନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ର ଛାତ୍ରଛାତ୍ରୀମାନେ ପରୀକ୍ଷା କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚିବାରେ ଗଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବହୁତ ଛାତ୍ରଛାତ୍ରୀ, ବିଶେଷ କରି ଝିଅମାନେ, ପ୍ରତିଦିନ ବିଭିନ୍ନ ସ୍ଥାନରୁ ଓ ୧୫,୨୦,୨୫,୩୦ କି.ମିରୁ ଅଧିକ ଦୂରରୁ ପାହାଡ଼ିଆ ରାସ୍ତା ଅତିକ୍ରମ କରି ଏଠି ଆସିପହଞ୍ଚୁଛନ୍ତି। ବର୍ତ୍ତମାନ ସିଏଚ୍‌ଏସ୍‌ଇ ପରୀକ୍ଷା ଚାଲିଥିବା ବେଳେ, ଏହି ବିଦ୍ୟାଳୟରୁ ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଆର୍ଟ୍ସ, ସାଇନ୍ସ ଏବଂ କମର୍ସ ବିଭାଗରେ ପରୀକ୍ଷା ଦେଉଛନ୍ତି। ତାଙ୍କ ମଧ୍ୟରୁ ୬୦% ରୁ ଅଧିକ ଝିଅମାନେ ଏସ୍ସି ଏବଂ ଏସ୍ଟି ପରିବାରରୁ ଆସିଥିବା ବେଳେ, ବହୁତ ଛାତ୍ରଛାତ୍ରୀ ଅତ୍ୟନ୍ତ ଦରିଦ୍ର ପରିବାରରୁ ଆସିଥିବା କାରଣରୁ ସେମାନଙ୍କ ପାଇଁ ରହିବା ପାଇଁ ହୋଷ୍ଟେଲ ଆବଶ୍ୟକ ଅତ୍ୟନ୍ତ ଜରୁରୀ। ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ମଧ୍ୟ ସେମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବା ନେଇ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଏହି ଅଞ୍ଚଳର ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଲୋକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ହୋଷ୍ଟେଲ ସୁବିଧା ପ୍ରଦାନ କରିବା ନେଇ ଦାବି କରିଆସୁଥିଲେ ମଧ୍ଯ ସମସ୍ଯା ସମାଧାନ ଏ ଯାଏ ହୋଇ ପାରି ନାହିଁ। ବର୍ତ୍ତମାନ, ଶତକଡା ପ୍ରାୟ ୬୦ଶତକଡା ରୁ ଅଧିକ ଆଦିବାସୀ ଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି। ଅଧିକାଂଶ ଶିକ୍ଷାର୍ଥୀ ପ୍ରତିଦିନ ୧୫,୨୦,୨୫,୩୦ କି.ମି.ରୁ ଅଧିକ ଦୂର ଯାତ୍ରା କରି ଶିକ୍ଷା ଗ୍ରହଣ କରୁଛନ୍ତି, ଯାହା ସେମାନଙ୍କ ଯାତାୟତ, ପଢ଼ାଶୁଣା ଏବଂ ପରୀକ୍ଷା ଉପରେ ପ୍ରଭାବ ପକାଉଛି ।ଏହି ଉଚ୍ଚମାଧ୍ୟମିକ ବିଦ୍ୟାଳୟଟି ଗୋରୁମହିଷାଣୀ ଖଣି ଅଞ୍ଚଳ, ତଥା ମୟୁରଭଞ୍ଜ ସୀମାନ୍ତ ରେ ଅବସ୍ଥିତ ।ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ତେଣୁ ଅଧିକାଂଶ ଛାତ୍ରଛାତ୍ରୀ ଏହି ସଂପ୍ରଦାୟ ଅନ୍ତର୍ଭୁକ୍ତ। ଏହା ରାଇରଙ୍ଗପୁର ବ୍ଲକର ଏକମାତ୍ର ଶିକ୍ଷା ଅନୁଷ୍ଠାନ ହୋଇଥିବାରୁ ସ୍ଥାନୀୟ ଲୋକମାନେ ହୋଷ୍ଟେଲ ଅଭାବ ସମସ୍ଯାର ସମାଧାନ କରିବା ପାଇଁ ରାଜ୍ୟ ପ୍ରଶାସନ ଏବଂ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି ।ସ୍ଥାନୀୟ ପ୍ରଶାସନ ଏହି ଦୂରବସ୍ଥାକୁ ଦୃଷ୍ଟିରେ ରଖି ଆବଶ୍ୟକତାକୁ ବିଚାର କରି ପଦକ୍ଷେପ ଗ୍ରହଣ କରିବା ଉଚିତ, ଯାହା ଏହି ଅଞ୍ଚଳର ଦରିଦ୍ର ଏବଂ ଆଦିବାସୀ ବହୁଳ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ତଥା ଭବିଷ୍ୟତ ଗଠନ ଦିଗରେ ୧୯୯୨ ମସିହାରେ ପ୍ରତିଷ୍ଠିତ ୩୩ ବର୍ଷର ପୁରୁଣା ଏହି ଶିକ୍ଷା ଅନୁଷ୍ଠାନ ର ଛାତ୍ର ଛାତ୍ରୀ ଉପକୃତ ହୋଇ ପାରନ୍ତେ ବୋଲି ଓଡ଼ିଶା ୟୁଏସ୍‌ଆଇ ସଂଗଠନର ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀ ସରକାରଙ୍କୁ ତଥା ଛାତ୍ରଛାତ୍ରୀଙ୍କ ଅଭିଭାବକଗଣ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ହଷ୍ଟେଲ ସୁବିଧା ପାଇଁ ଦାବି



# ଡାବୁଗାଁ ବ୍ଲକରେ ନାମକୁ ମାତ୍ର ଚାଲିଛି ଧାନ ମଣ୍ଡି



ଡାବୁଗାଁ ୨/୩(ନି.ପ୍ର): ସରକାର ଚାଷୀଙ୍କ ଧାନର ଉଚିତ ମୂଲ୍ୟ ପ୍ରଦାନ ପାଇଁ ମଣ୍ଡି ର ବ୍ୟବସ୍ଥା କରିଛନ୍ତି। ପ୍ରତି ଜିଲ୍ଲାରେ ପ୍ରତି ବ୍ଲକ ରେ ଲୋକଙ୍କ ଚାହିଦା ଦେଖି ମଣ୍ଡି ଗୁଡିକ ଖୋଲାଯାଇଛି । ଡାବୁଗାଁ ବ୍ଲକ ଠାରେ ଡାବୁଗାଁ ସଦର ମହକୁମା ରେ ମଙ୍ଗଳବାର ଓ ବୁଧବାର ଏବଂ ଜୁନାପାଣି ଗ୍ରାମରେ ଶୁକ୍ରବାର, ଶନିବାର ଓ ସୋମବାର ମଣ୍ଡି ଖୋଲାଯାଇ ଧାନ କିଣାଯାଏ। କିନ୍ତୁ ଜାନୁଆରୀ ଆଠ ତାରିଖ ପର୍ଯ୍ୟନ୍ତ ଠିକ ଠାକ୍ ମଣ୍ଡି ଚାଲିବା ପରେ ବର୍ତ୍ତମାନ ନାମକୁ ମାତ୍ର ମଣ୍ଡି ଚାଲିଛି ଭଳି ଜଣା ପଡୁଛି। ଧାନ ମଣ୍ଡିରେ ନା ଆସୁଛି ଧାନ ନା ଚାଷୀ ଆସୁଛନ୍ତି। ଏସ ଏଚ ଜି ଓ ଲେମ୍ପ ଧାନ କିଣୁଥିବା ବେଳେ ମଣ୍ଡି ରେ କାହାର ଦେଖା ନାଇଁ। ଏବିଷୟରେ ଡାବୁଗାଁ ଲ୍ୟାମ୍ପ ଏମଡି କୁ ପଚାରିବାରୁ ଧାନ ମଣ୍ଡିକୁ ଆସୁନି ଚାଷି ଧାନକୁ ସିଧା ମିଲ ଗୁଡିକରେ ନେଉଛନ୍ତି ବୋଲି କହିବ ସହ ଟାର୍ଗେଟ ମଧ୍ୟ ଠିକସେ ଆସୁନଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ମଣ୍ଡି ହେବା ସ୍ଥାନରେ କେବେ ହେଲେ ଚାଷି ଡାବୁଗାଁ ଲ୍ୟାମ୍ପ ଏମଡି କୁ ଦେଖି ନାହାନ୍ତି। ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ଚାଷୀଙ୍କୁ ଠାରୁ ୫/୬କେଜି କଟଣି ଛଟଣି କରାଯାଉଛି। ଓ ଚାଷୀଙ୍କ ନିରୀହତାର ସୁଯୋଗ ନେଇ ତାକେନ ଗ୍ରହଣ ପୂର୍ବରୁ ସରକାରୀ ଦସ୍ତାବିଜରେ ଖାଲି ସ୍ଥାନରେ ହସ୍ତାକ୍ଷର କରାଯାଉଛି ଏବଂ ଟିପ ଚିହ୍ନ ନିଆଯାଉଛି। ଯଦି ମଣ୍ଡି ରେ ଧାନ କିଣା ନ ହୋଇ ସିଧା ସଳଖ ମିଲକୁ ଯାଉଛି ତେବେ ଲ୍ୟାମ୍ପ ଓ ଏସ ଏଚ ଜି ଗ୍ରୁପ ର ଧାନ ମଣ୍ଡିରେ କାମ କଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।ଏସ ଏସ ଜି ଗ୍ରୁପ, ଲ୍ୟାମ୍ପ ଓ ମିଲର୍ସ ମାନଙ୍କ ଟାର୍ଗେଟ ଲିଷ୍ଟ କଣ ପାଇଁ ଜନସାଧାରଣ ଜଣା ହେଉ ନାହିଁ ଏହା ଏକ ବଡ଼ ପ୍ରଶ୍ନ ଅଟେ ।ଠିକ ଭାବରେ ମଣ୍ଡି ଚଳାଇବା ସହ ଅନିୟମିତତା ସ୍ପଷ୍ଟ ଜଣା ପଡୁଚି। ଉଚିତ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

# ବୈଠକ ରୁ ଉଠି ଚାଲିଗଲେ ସରପଞ୍ଚ, ସମିତିସଭ୍ୟ ଓ ସଭ୍ୟା

ଆଠମଲ୍ଲିକ ୨/୩(ନି.ପ୍ର): ଆଠମଲ୍ଲିକ ପଞ୍ଚାୟତ ସମିତି ର ସଭା ଗୃହ ରେ ପୂର୍ବ ସୂଚିତ କାର୍ଯ୍ୟକ୍ରମ ଅନୁଯାଇ ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ ଙ୍କ ଅଧକ୍ଷତା ରେ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ବିଧାୟକ ନଳିନୀ କାନ୍ତ ପ୍ରଧାନ, ବ୍ଲକ ଭାଇସ ଚେୟାରମ୍ୟାନ ମମତା ମହାକୁଡ଼, ସାଂସଦ ଙ୍କ ପ୍ରତିନିଧି ପ୍ରକାଶ ସାହୁ, ବିଡ଼ିଓ ଟିଟସ ମହାନନ୍ଦିଆ ପ୍ରମୁଖ ମଞ୍ଚ ରେ ବସିଥିବା ବେଳେ ପଞ୍ଚାୟତ ସମିତି ର ସମସ୍ତ ସରପଞ୍ଚ ସମିତି ସଭ୍ୟ ଓ ସଭ୍ୟା ଯୋଗଦେଇ ଆଲୋଚନା ରେ ଭାଗ ନେଇଥିଲେ କ୍ଷ ପ୍ରଥମ ରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଉପରେ ଆଲୋଚନା ହେବା ସହିତ ପ୍ରକଳ୍ପ ଗୁଡିକ ର ଅନୁମୋଦନ ଲାଭ କରିଥିଲା କ୍ଷ ସରପଞ୍ଚ, ସମିତି ସଭ୍ୟ ଓ ସଭ୍ୟା ଙ୍କ ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋଚନା ହେବା କ୍ଷଣି ହଟ୍ଟଗୋଳ ଆରମ୍ଭ ହୋଇଥିଲା। କିଛି ସମୟ ପରେ କାର୍ଯ୍ୟ କିଛି ହଉ ନାହିଁ ବୋଲି ଅଭିଯୋଗ କରି ସରପଞ୍ଚ ସମିତି ସଭ୍ୟ ଓ ସଭ୍ୟା ବୈଠକ ରୁ ଅଧାରୁ ଉଠି ବାହାରକୁ ଚାଲି ଆସିଥିଲେ। ପଞ୍ଚାୟତ ପ୍ରତିନିଧି ଙ୍କ ଦାବୀ ଅନୁଯାଇ ଆଗକୁ କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚ ମାନଙ୍କୁ ନେଇ ବୈଠକ କରାଯାଇ ସମସ୍ୟା ର ସମାଧାନ କରାଯିବ ବୋଲି ବିଡ଼ିଓ ଶ୍ରୀ ମହାନନ୍ଦିଆ ପ୍ରକାଶ କରିଥିଲେ।

# ଜାମଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ମୟୂରଭଞ୍ଜ ୨/୩(ନି.ପ୍ର): ଜାମଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜାତୀୟ ବିଜ୍ଞାନଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟା ସସ୍ମିତା ଟୁଡୁଙ୍କ ଅଧକ୍ଷତାରେ ସମାଜସେବୀ ନିରୁପମା ମଣ୍ଡଳ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ବୈଜ୍ଞାନିକ ମନୋବୃତ୍ତି ସମ୍ପନ୍ନ ବ୍ୟକ୍ତି ରୂପେ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀୟ ଅତିଥି ଲକ୍ଷ୍ମଣ ଟୁଡୁ ଯୋଗ ଦେଇ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ସାଙ୍ଗକୁ ବିଜ୍ଞାନ କ୍ଷେତ୍ରରେ ବିଶ୍ୱକୁ ଭାରତୀୟ ବୈଜ୍ଞାନିକଙ୍କ ଅବଦାନ ସମ୍ପର୍କେ ଆଲୋକପାତ କରିଥିଲେ । ଏ ଅବସରରେ ବିଜ୍ଞାନ ପ୍ରମୁଖ ଗୁରୁଜୀ ଯଶୋବନ୍ତ ବେହେରା ତତ୍ତ୍ୱାବଧାନରେ ଗୁରୁଜୀ, ଗୁରୁମା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ପରୀକ୍ଷଣ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବୈଜ୍ଞାନିକଙ୍କ ଜୀବନୀ ଉପରେ ବକ୍ତୃତା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହିତ ବିଭିନ୍ନ ବିଜ୍ଞାନ କ୍ରିୟାକଳାପ, ପ୍ରକଳ୍ପ ପ୍ରଦର୍ଶନ, ପ୍ରଶ୍ନମଞ୍ଚ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା ।



# ଶ୍ରୀ ରାମେଶ୍ୱର ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉପଲକ୍ଷେ ବିଶ୍ୱ ଶାନ୍ତି ମହାଯଜ୍ଞ ଏବଂ ଶିବ ବିବାହ

କଟକ ୨/୩(ନି.ପ୍ର): ସିଏମସି ୫୯ ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମର ଶ୍ରୀ ଶ୍ରୀ ରାମେଶ୍ୱରଙ୍କ ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉପଲକ୍ଷେ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ବିଶ୍ୱ ଶାନ୍ତି ମହାଯଜ୍ଞ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଅଧିବାସ ଦିନ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଦ୍ୱାରା ଏକ ବିରାଟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା କ୍ଷ ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋ ପୂଜା,ଓଡିଶୀ ସଂକୀର୍ତ୍ତନ, ନାମ,ଗୀତକ୍ଷ ପାଠ,ନାରାୟଣ ସେବା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁସୁମାଞ୍ଜଳି ଅର୍ପଣ କରିଥିଲେ। ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା ' ଦିବ୍ୟାଲୋକ ସନ୍ଧାନେ 'ର ସମ୍ପାଦକ ଶ୍ରୀ ସନ୍ନ୍ୟାସୀ ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ,ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା,ବିଜେପି ରାଜ୍ୟ ଉପ ସଭାପତି ଗୋଲୋକ ମହାପାତ୍ର, ଅର୍ଗୁସ ଟିଭି ସମ୍ପାଦକ ସଞ୍ଜୟ ଜେନା,ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ,ବାସ୍ତୁବିତ ଡଃ.ମନୋଜ ଲେଙ୍କା,କର୍ପୋରେଟର ମମତା ମହାନ୍ତି,ବିଧାୟକ ପ୍ରତିନିଧି ସ୍ୱାଧୀନଚେତା ମହାନ୍ତି, ସମାଜସେବୀ ପୀତବାସ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର,ସଦର ଥାନାଞ୍ଚଳ ଶାନ୍ତି କମିଟି କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ବିଭିନ୍ନ ଗ୍ରାମର ମୁରବୀ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ରାମେଶ୍ୱରଙ୍କ କୃପା ଭିକ୍ଷା କରିଥିଲେ। ମନ୍ଦିର ନିମନ୍ତେ ବିଶେଷ ଅବଦାନ ଥିବାରୁ ଆନ୍ତର୍ଜାତିକ ବାସ୍ତୁ ବିଶେଷଜ୍ଞ ଡଃ. ମନୋଜ ଲେଙ୍କାଙ୍କୁ 'ଶ୍ରୀରାମେଶ୍ୱର କୃପାଶିଷ ସମ୍ମାନ ସନନ୍ଦ'ରେ ସମ୍ମାନିତ କରାଯାଇଥିଲା। ଜାଗର ଦିନ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବ ପାର୍ବତୀଙ୍କ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ପାଲିଙ୍କି ରେ ବସାଇ ଖୋଳ କୀର୍ତ୍ତନ ସହ ବିରାଟ ଶୋଭାଯାତ୍ରା ତେଲେଙ୍ଗାପେଣ୍ଠ ବଜାର ଅତିକ୍ରମ କରି ଗ୍ରାମରେ ପହଂଚି ଥିଲା ଏବଂ ପରେ ବିବାହ କାର୍ଯ୍ୟକ୍ରମ ଯଥାରୀତି ସମ୍ପାଦିତ ହୋଇଥିଲା। ବିବାହ ଦେଖିବାକୁ ବିଭିନ୍ନ ଅଂଚଳ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ହେବା ସହ ରାତ୍ରି ଏଗାର ଟାରେ ମହାଦୀପ ଉଠିଥିଲା । ବିଭିନ୍ନ ସଂଧ୍ୟକ୍ଷରେ ଭଜନ, ନୃତ୍ୟକ୍ଷଞ୍ଜଳି ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂର୍ବତନ ସଭାପତି ସ୍ୱର୍ଗତ ପ୍ରହଲ୍ଲାଦ ନାୟକଙ୍କ ସ୍ମୃତିରେ ତାଙ୍କ ପୁତ୍ର ସମାଜସେବୀ ପ୍ରଭାତ ନାୟକ ଓ ବର୍ତ୍ତମାନର ଗ୍ରାମ ସଭାପତି ପ୍ରକାଶ ନାୟକଙ୍କ ଦ୍ୱାରା ଗ୍ରାମର ସମସ୍ତ ପୂର୍ବତନ ସଭାପତି, ସମ୍ପାଦକ,ଉପଦେଷ୍ଟା ତଥା କମିଟି ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀରାମେଶ୍ୱର ଟ୍ରଷ୍ଟ ତଥା ଗ୍ରାମବାସୀଙ୍କ ଦ୍ୱାରା ତ୍ରିଦିବସବ୍ୟାପୀ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରାଯାଇଥିଲା ।

## ପୋଲ ତଳକୁ କାର ଖସି ବରିଷ୍ଠ ନେତାଙ୍କ ମୃତ୍ୟୁ

ପାଟଣା ୨/୩(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ସରାସକୋଲା ପଞ୍ଚାୟତ ଖମୁଆଁ ବାସିନ୍ଦା ତଥା ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ଉପସଭାପତି ଦେବାନନ୍ଦ ପୃଷ୍ଟି (୭୦) ଙ୍କର ଆଜି ସଡକ ଦୁର୍ଘଟଣାରେ ପରଲୋକ ଘଟିଛି ।ଆଜି ଶ୍ରୀ ପୃଷ୍ଟି ଟାଙ୍ଗରପଡା ଗ୍ରାମର ବାସିନ୍ଦା ତଥା ତାଙ୍କ ଭଣଜା ଶଙ୍କର୍ଷଣ ସାହୁଙ୍କୁ କାରରେ ନେଇ ତୁରୁମୁଙ୍ଗା ଯାଇ ଫେରିବା ବାଟରେ କେନ୍ଦେଇପଶି - ରାଜନଗର ରାସ୍ତାର ଡେଣୁଆ ଜହ୍ନେଇନାଳ ପୋଲ ଉପରୁ ତାଙ୍କ କାର ଟି ୩୦ ଫୁଟ ତଳକୁ ଖସି ପଡିବା ଫଳରେ ଶ୍ରୀ ପୃଷ୍ଟି ଙ୍କ ର ପରଲୋକ ଘଟିଥିବା ବେଳେ ଶଙ୍କର୍ଷଣ ଙ୍କର ହାତ ଭାଙ୍ଗିଛି ।ଉଭୟ ଙ୍କୁ ରୋଗିଯାନ ଯୋଗେ କେନ୍ଦୁଝର ଡାକ୍ତରଖାନା ନିଆ ଯାଇଥିବା ବେଳେ ସେଠାରେ ଡାକ୍ତର ଦେବାନନ୍ଦ ଙ୍କୁ ମୃତ ଘୋଷଣା କରିଥିଲେ ।ଏନେଇ ତୁରୁମୁଙ୍ଗା ଥାନାରେ ଦୁର୍ଘଟଣା ମାମଲା ୩୫/ ୨୦୨୫ ମୂଳେ ଏ ଏସ ଆଇ ଦେବେନ୍ଦ୍ର ମୁର୍ମୁ ଘଟଣା ର ତଦନ୍ତ କରିବା ସହ ମୃତକର କେନ୍ଦୁଝର ଠାରେ ଶବ ବ୍ୟବଚ୍ଛେଦ କରାଇଛନ୍ତି ।ଦେବାନନ୍ଦ ଙ୍କ ବିୟୋଗରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ,ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ହୃଷୀକେଶ ନାଏକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର କୁ ସମବେଦନା ଜଣାଇଛନ୍ତି ।ଦେବାନନ୍ଦ ଙ୍କ ପିତା ସ୍ୱର୍ଗତ ଅନିରୁଦ୍ଧ ପୃଷ୍ଟି କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ଅନ୍ତରଙ୍ଗ ଥିବା ବେଳେ ତାଙ୍କ ଭାଇ ମାଧବାନନ୍ଦ ପୃଷ୍ଟି ଏବେ ପାଟଣା ବ୍ଲକ ବିଜେଡି ସଭାପତି ଅଛନ୍ତି।

# ସରଧାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପାଟଣା ୨/୩(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ସରଧାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଗୀରଥି ନାଏକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ହୋଇଛି ।ଉକ୍ତ କାର୍ଯ୍ୟକ୍ରମରେ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ମୁଖ୍ୟଅତିଥି, ଏବିଇଓ ବିଜୟ କୁମାର ଓଝା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବରେ ଚକୁଣ୍ଡାପାଳ ଗ୍ରାମପଞ୍ଚାୟତ ର ସରପଞ୍ଚ ରକ୍ଷାମଣୀ ନାଏକ,ଜିଲ୍ଲା ପରିଷଦ ସଦସ୍ୟା ସୌଭାଗ୍ୟମଞ୍ଜରୀ ନାୟକ, ଚାକୁଣ୍ଡା ପାଳ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା,ପାଟଧନୁର୍ଜୟପୁର ୟୁପି ସ୍କୁଲ ର ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ମହାନ୍ତ, କଣ୍ଟିଆପଡା ସି.ଆର. ସି.ସି ଚୈତନ୍ୟ ଚରଣ ନାଏକ, ବାଉଁଶୁଳୀ ସି.ଆର. ସି.ସି କ୍ଷୀତିଶ କୁମାର ଦୀକ୍ଷିତ, ଶିକ୍ଷା କମିଟି ସଭାପତି ଜିତେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଉଦବୋଧନ ଦେଇଥିଲେ ।ବାର୍ଷିକ କ୍ରୀଡା ତଥା ମେଧା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଙ୍କୁ ଅତିଥି ମାନଙ୍କଦ୍ୱାରା ପୁରସ୍କାର ଓ ପ୍ରମାଣ ପତ୍ର ଦିଆଯାଇଥିଲା ।ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଶିକ୍ଷକ ଶୁଭେନ୍ଦୁ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଦୁର୍ଯୋଧନ ପୂର୍ତ୍ତି, ଶିକ୍ଷୟିତ୍ରୀ ପ୍ରତିପମା ନାଏକ, ସରିତା ପାତ୍ର, ପଦ୍ମିନୀ ବେହେରା ସହଯୋଗ କରିଥିଲେ ।

# ହରଗୋଡ଼ା ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣରେ ପଡ଼ିଛି ତାଲା,ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି



ମୟୂରଭଞ୍ଜ ୨/୩(ନି.ପ୍ର): ରାଜ୍ୟରେ ସବୁ ପିଲା ପାଠ ପଢ଼ିବେ,କେହି ବିକାର ରହିବେ ନାହିଁ ,ସମସ୍ତେ ପାଠୁଆ ହେବେ ଏଥି ପାଇଁ ଗାଁ ଗାଁ ରେ ବିଦ୍ୟାଳୟମାନ ଖୋଲାଯାଇଛି ।କିନ୍ତୁ ଏଥିରୁ ଛାତ୍ରଛାତ୍ରୀ ବଂଚିତ ହେଉଥିବା ଜଣାପଡ଼ିଛି ।ଏହି ପରି ଏକ ସମ୍ବେଦନଶୀଳ ଖବରଟି ମୟୂରଭଞ୍ଜ ଜିଲ୍ଲା ଝାରଖଣ୍ଡ ସୀମାନ୍ତ ଜାମଦା ବ୍ଲକ ହରଗୋଡ଼ା ଗାଁର ।ଏଠାରେ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ତାଲା ପଡ଼ିଛି ।ସୂଚନାଯୋଗ୍ୟ ଯେ ହରଗୋଡ଼ା ବିଦ୍ୟାଳୟରେ ତାଲା ପଡ଼ିବା ପରେ ଛୋଟଛୋଟ ଛାତ୍ରଛାତ୍ରୀ ଜୀବନକୁ ବାଜି ଲଗାଇ ୩ କିଲୋମିଟର ଦୂରକୁ ଚାଲିଚାଲି ଯାଉଛନ୍ତି ଭବିଷ୍ୟତ ଗଢିବା ପାଇଁ ସାଗଯୋଡ଼ି ବିଦ୍ୟାଳୟକୁ । ଆଦିବାସୀ ଅଧ୍ଯୁଷିତ ମୟୁରଭଞ୍ଜ ଜିଲ୍ଲା ଜାମଦା ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ଦୁର୍ଗମ ଅଞ୍ଚଳ ହରଗୋଡା ପ୍ରାଥମିକ ବିଦ୍ୟାଳୟରେ, ଯେଉଁ ବିଦ୍ୟାଳୟଟି ୨୦୨୦ ମସିହାରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ନିର୍ଦେଶ କ୍ରମେ ତାଲା ବନ୍ଦ କରାଯାଇଥିଲା, ଯାହାର ପରିଣାମ କୁନିକୁନି ଛାତ୍ରଛାତ୍ରୀ ଭୋଗୁଛନ୍ତି, ଗୋଷ୍ଠୀ ଶିକ୍ଷା ଅଧୀକାରୀ ଓ ଜିଲ୍ଲାପାଳଙ୍କ ପାଖରେ ଗ୍ରାମବାସୀମାନେ ଯେତେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନାହିଁ। ଶେଷରେ ଗ୍ରାମବାସୀ ଗଣମଧମ ପ୍ରତିନିଧିଙ୍କ ଜରିଆରେ ମୋହନ ସରକାରଙ୍କୁ ଅନୁରୋଧ କରିଛନ୍ତି ।ତେବେ ଗ୍ରାମରେ ସ୍କୁଲ ବନ୍ଦ ପଡ଼ିଥିବାରୁ ବିପଦ ପୂର୍ଣ୍ଣ ଭାବରେ ଜଙ୍ଗଲ ପଶୁଙ୍କ ଆଗରେ ଜୀବନକୁ ବାଜି ଲଗାଇ ଦୀର୍ଘ ୩ କି.ମି ଦୂରରେ ଥିବା ସାଗଜୋଡି ବିଦ୍ୟାଳୟକୁ ଯାଉଛନ୍ତି ଛାତ୍ରଛାତ୍ରୀ ଏବଂ କିଛି ଛାତ୍ରଛାତ୍ରୀ ବିଦ୍ୟାଳୟ ନଯାଇ ବନ୍ଦ ପଡିଥିବା ବିଦ୍ୟାଳୟରେ ସମ୍ମୁଖରେ ଖେଳୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଚଳିତ ବର୍ଷ ୧୦ ଜଣ ଛାତ୍ରଛାତ୍ରୀ କୌଣସି ଉପାୟ ନ ପାଇ ନାମ ଲେଖାଇଛନ୍ତି ବୋଲି ମତ ରଖିଛନ୍ତି ସ୍କୁଲ ଶିକ୍ଷକ। ତେବେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କାହିଁକି ବିଦ୍ୟାଳୟ ଖୋଲା ଯାଉନାହିଁ ବୋଲି ଜାମଦା ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିରାମ ନାୟକଙ୍କୁ ପଚାରିବାରୁ ସେ ଗଣାମଧମ ସମ୍ମୁଖରେ ଏହା ଆମ ହାତରେ ନାହିଁ, ତାହା ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଚାହିଁଲେ ଖୋଲାଯାଇ ପାରିବ ବୋଲି ନିଜ ମତ ରଖିଛନ୍ତି। ତେବେ ଦେଖିବାକୁ ବାକି ରହିଲା ଦୁର୍ଗମ ଅଞ୍ଚଳରେ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଯାଉଥିବା ବେଳେ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ଅକାଳରେ ଝଡିଗଲେ ଯୁବ ସଙ୍ଗୀତକାର , ମାର୍ଚ୍ଚ ୭ରେ ପଡ଼ିଥାନ୍ତା ହାତଗଣ୍ଠି

ପାଟଣା ୨/୩(ନି.ପ୍ର): ଅକାଳରେ ଝଡିଗଲେ ଯୁବ ସଙ୍ଗୀତକାର ଶ୍ରୀତମ ସୁକୁମାର ପଣ୍ଡା(୨୫)। ଗତରାତି ରାଜଧାନୀର ଏକ ଘରୋଇ ଚିକିତ୍ସାଳୟରେ ପାକସ୍ଥଳୀ ଜନିତ ରୋଗରେ ୨୧ ଦିନର ଚିକିତ୍ସା ପରେ ସେ ହାରି ଯାଇଛନ୍ତି। ଆଉ ମାତ୍ର ସପ୍ତାହକ ପରେ ମାର୍ଚ୍ଚ ୭ରେ ତାଙ୍କର ହାତଗଣ୍ଠି ପଡ଼ିଥାନ୍ତା। ହେଲେ ନିର୍ବନ୍ଧ ପରେ ସେ ଆଉ ବିବାହ ବେଳକୁ ଇହ ଜଗତରେ ନାହାନ୍ତି। ପାଟଣା ମୁଖ୍ୟାଳୟ ଶିବନାରାୟଣପୁର ବାସିନ୍ଦା ହେମନ୍ତ ପଣ୍ଡାଙ୍କ ଏକ ମାତ୍ର ପୁତ୍ର ଶ୍ରୀତମ ସୁକୁମାର ସଂଗୀତ ନାଟକ ମହାବିଦ୍ୟାଳୟରେ ଶିକ୍ଷା ସମାପ୍ତ ପରେ ଜଣେ କଣ୍ଠଶିଳ୍ପୀ ଓ ସଙ୍ଗୀତକାର ଭାବେ ଆଦୃତି ଲାଭ କରି ଆସୁଥିଲେ। ଆଜି ଭୁବନେଶ୍ୱରରୁ ତାଙ୍କର ମର ଶରୀର ପାଟଣା ଅଣାଯିବାପରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିଲା। ଜ୍ଞାତି କୁଟୁମ୍ବ ଓ ଶୁଭେଚ୍ଛୁ ମାନେ ତାଙ୍କ ଶବଧାରରେ ବୈତରଣୀ କୂଳଯାଏ ଯାଇ ତାଙ୍କର ଅନ୍ତିମ ସଂସ୍କାରରେ ସାମିଲ ହୋଇଥିଲେ। ଶ୍ରୀତମଙ୍କ ବିୟୋଗରେ ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଓ ହୃଷୀକେଶ ନାଏକ, କଂଗ୍ରେସ ନେତା ଇଂ ବିନୋଦ ବିହାରୀ ନାଏକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଶ୍ରୀତମଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ଆଜିର ପାଟଣା ଜାଗର ମହୋତ୍ସବର ସଂଧ୍ୟା କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି

# ପୁଣି ମାତିଲେଣି ବାଲି ମାଫିଆ

## ଉତ୍ତୋଳନ ଓ ଚୋରାଚାଲାଣ ଜୋରଦାର, ବାଲିଘାଟରେ ହେଉନି ଚଢ଼ଉ, ସରକାରୀ ଅଧିକାରୀଙ୍କ ସିଡିଆର ଯାଞ୍ଚ ହେଉ



ଜଳେଶ୍ୱର,୨/୩: ଦିନକୁ ୬ କୋଟି ଏବଂ ମାସକୁ ହାରାହାରି ୨୦୦ କୋଟି ଟଙ୍କାର ବାଲି ଚୋରାଚାଲାଣ। ବର୍ଷବର୍ଷ ଧରି ବାଲି ମାଫିଆମାନେ ଏହି ଚୋରା କାରବାର କରୁଥିଲେ ବି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା। ତେବେ, ଗତମାସ ୨୦ ତାରିଖ ରାତିରୁ ୨୧ ତାରିଖ ମଧ୍ୟାହ୍ନ ଯାଏଁ ୬୦ ନମ୍ବର ଜାତୀୟ ରାଜପଥର ଆମ୍ବଳିଅଠାରୁ ଜମାଳପୁର ବାଇପାସ୍ ମଧ୍ୟରେ ଜଳେଶ୍ୱର ତହସିଲଦାର, ଖଣି ବିଭାଗ ମିଳିତ ଭାବେ ଚଢ଼ଉ କରି ବାଲି ଚୋରାଚାଲାଣ କରୁଥିବା ୮୫ଟି ଡମ୍ଫର ମାଲିକଙ୍କ ଉପରେ ମୋଟା ଅଙ୍କର ଜରିମାନା ଲଗାଇଥିଲେ। ଏହାପରେ ମାଫିଆମାନେ ବାଲି ଉତ୍ତୋଳନ ପାଇଁ ଘାଟ ମାଡୁନଥିଲେ। ତେବେ, ଏହାର କିଛିଦିନ ବ୍ୟବଧାନରେ ପୁଣିଥରେ ବାଲି ଉତ୍ତୋଳନ ସହିତ ଚୋରାଚାଲାଣ ଜୋରଦାର ହୋଇଛି। ଜଳେଶ୍ୱର ତହସିଲ ଅଧୀନ ମହମ୍ମଦନଗର ପାଟଣା, ବେଲପାଳ ଓ ସେକସରାଇ ବାଲିଘାଟରୁ ପୁଣି ବାଲି ଉତ୍ତୋଳନ ଜୋରଦାର ହୋଇଛି। ମାଫିଆମାନେ ଚତୁରତାର ସହିତ ବାଲି ଉତ୍ତୋଳନ ସମୟ ବଦଳାଇ ଦେଇଛନ୍ତି। ଦିନରେ ସରକାରୀ ଅଫିସ୍‌ଗୁଡ଼ିକ ଖୋଲା ରହୁଥିବାରୁ ସନ୍ଧ୍ୟା ୭ଟାରୁ ବାଲି ଉତ୍ତୋଳନ ଆରମ୍ଭ ହୋଇ ପରଦିନ ସକାଳ ୭ଟା ଯାଏଁ ଚାଲୁଛି। ବାଲି ଉତ୍ତୋଳନ କାମରେ ୨ଟି ବଡ଼ ଜେସିବି, ଗୋଟିଏ ଛୋଟ ଜେସିବି, ଶହେ ପାଖାପାଖି ଲୌହ ନିର୍ମିତ ଡଙ୍ଗା ଓ ଦୁଇ ଶହ ପାଖାପାଖି ଶ୍ରମିକ ନିୟୋଜିତ ରହୁଛନ୍ତି। କୁହାଯାଉଛି, ମହମ୍ମଦନଗର ପାଟଣା, ବେଲପାଳ ଓ ସେକସରାଇ ଗାଁରେ ଏବେ ମୋଟ ୪ଟି ଗୋଷ୍ଠୀ ବାଲି ଉତ୍ତୋଳନ କରୁଛନ୍ତି। ଏଥିପାଇଁ ସୁବର୍ଣ୍ଣରେଖା ନଦୀବନ୍ଧ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ପାଖାପାଖି ୩୦ଟି ଡମ୍ଫରରେ ବାଲି ବୋହି ନେଇ ଏହାର ମାଷ୍ଟରମାଇଣ୍ଡ କୁହାଯାଉଥିବା ରାଜସ୍ୱ ବିଭାଗର ଜଣେ ପଦାଧିକାରୀଙ୍କ ଘରବାରି ଓ ଏମ୍‌ଏନ୍‌ପାଟଣା ନୂଆ ଶିବମନ୍ଦିର ନିକଟରେ ଗଚ୍ଛିତ ରଖାଯାଉଛି। ପରେ ସୁଯୋଗ ଦେଖି ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଡମ୍ଫରରେ ପଶ୍ଚିମବଙ୍ଗକୁ ବାଲି ଚାଲାଣ ହେଉଛି। ଅନ୍ୟପକ୍ଷରେ,ପ୍ରାଶାସନିକ କାର୍ଯ୍ୟାନୁଷ୍ଠାନର ଆଗୁଆ ସୂଚନା ପାଇଁ ମାଫିଆମାନେ ସରକାରୀ ଗାଡ଼ିର ଚାଳକ ତଥା ଅନ୍ୟ ଅଧିକାରୀଙ୍କୁ ହାତକରି କରି ଏଭଳି ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି। ଏଥିପାଇଁ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। କାହିଁକି ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ କଲ୍ ଡିଟେଲ୍‌ସ ରେକର୍ଡ (ସିଡିଆର) ଯାଞ୍ଚ କରାଯାଉନି ବାଲି ଉତ୍ତୋଳନ ସମୟରେ ବାଲିଘାଟ ଉପରେ କାହିଁକି ଜିଲ୍ଲା ପ୍ରଶାସନ ଚଢ଼ଉ କରୁନି ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଡମ୍ଫରଗୁଡିକ ଖୋଲାଖୋଲି ବାଲି ଚାଲାଣ କରୁଥିଲେ ମଧ ଏହା ଉପରେ କାହିଁକି ଧରପଗଡ଼ କରାଯାଉନି ଏହିଭଳି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି।

# ପ୍ଲଟିଂ ପାଇଁ ମୂଷାନଈର ସ୍ରୋତ ଅବରୋଧ


## ନଈ ଭିତରେ ପ୍ରଶସ୍ତ ରାସ୍ତା, ପ୍ରଶାସନର ନାକ ତଳେ ଚାଲିଛି ବେଆଇନ କାର୍ଯ୍ୟ



ପୁରୀ, ୨/୩: ପ୍ଲଟିଂ ପାଇଁ ମୂଷାନଈ ଜଳସ୍ରୋତକୁ ଅବରୋଧ। ମୂଷାନଈ ଭିତରେ ଜଳସ୍ରୋତକୁ ଅବରୋଧ କରି ତିଆରି ହୋଇଛି ରାସ୍ତା। ଏଭଳି ଅଭାବନୀୟ ସ୍ଥିତି ଦେଖିବାକୁ ମିଳିଛି ହୁଲୁହୁଲିଆ ରେଳ ଓଭରବ୍ରିଜ୍ ନିକଟରେ। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମୂଷାନଈର ଜଳକୁ ଅଟକାଇ ଏହା ଭିତରେ ରାସ୍ତା ତିଆରି କରି ଜମି ପ୍ଲଟିଂ କରୁଛନ୍ତି। ଯାହାକୁ ଅଞ୍ଚଳବାସୀ ବିରୋଧ କରୁଥିଲେ ବି ଜମିମାଫିଆଙ୍କ ଭୟରେ ନିରବ ରହିବାକୁ ବାଧ୍ୟ ହେଉଛନ୍ତି। ଜମିମାଫିଆଙ୍କ ପହଞ୍ଚ ଏତେ ଯେ ସେ କାହାରିକୁ ବି ଖାତିର କରୁନାହାନ୍ତି। ଅଞ୍ଚଳବାସୀ ବି ଆରମ୍ଭରୁ ଏହାର ପ୍ରତିବାଦ କରିଥିଲେ। କିନ୍ତୁ ଭୟ ଦେଖାଇ ସ୍ୱରକୁ ନିରବ କରି ଦିଆଯାଇଛି। ବଡ଼କଥା ହେଉଛି, ଏହି ଜାଗା ସଦର ମହକୁମା ଭିତରେ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୫ କିଲୋମିଟର ଦୂରରେ। ତଥାପି ପ୍ରଶାସନ ଏ ସମ୍ପର୍କରେ ଜାଣି ବି ନଜାଣିବା ଭଳି ରହିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ରାସ୍ତାକୁ ହଟାଇ ମୂଷାନଈର ଜଳସ୍ରୋତକୁ ଅବରୋଧମୁକ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଭାର୍ଗବୀ ନଦୀର ଏକ ଶାଖା ହେଉଛି ମଙ୍ଗଳାନଈ। ଏହାର ଶେଷ ମୁଣ୍ଡ ମଙ୍ଗଳାନଈରେ ମିଶିଛି। ହୁଲୁହୁଲିଆ ପୋଲ ନିକଟରୁ ମଙ୍ଗଳାନଈ ପର୍ଯ୍ୟନ୍ତ ଏହାର ଅସ୍ତିତ୍ୱ ଦୃଶ୍ୟମାନ ହେଉଥିବାବେଳେ ହୁଲୁହୁଲିଆ ପୋଲଠାରୁ ବୀରହରେକୃଷ୍ଣପୁର ଗାଁ ପାର୍ଶ୍ୱକୁ ଥିବା ମୂଷାନଈର ବାକି ଜାଗାର ଅସ୍ତିତ୍ୱ କୋଠାବାଡ଼ି ଭିତରେ ହଜିଗଲାଣି। ତଥାପି ହୁଲୁହୁଲିଆ ପୋଲଠାରୁ ମଙ୍ଗଳାନଈ ପର୍ଯ୍ୟନ୍ତ ଉନ୍ନତୀକରଣ କାର୍ଯ୍ୟ କରିବାକୁ ସରକାର ପ୍ରାୟ ୧୦୭ କୋଟି ଟଙ୍କାର ବଜେଟ୍ ଅନୁମୋଦନ କରିଛନ୍ତି। ଏହି ସୌନ୍ଦର୍ଯ୍ୟୀକରଣ କାମ ମନ୍ଥର ପଡ଼ି ଯାଇଥିଲେ ବି ଅଦ୍ୟାବଧି ଜାରି ରହିଛି। କିନ୍ତୁ ଇତିମଧ୍ୟରେ କେହି ମୂଷାନଈ ଭିତରେ ରାସ୍ତା କରି ଜଳ ସ୍ରୋତକୁ ସଂପୂର୍ଣ୍ଣ ଅବରୋଧ କରି ରଖିଛନ୍ତି। ହୁଲୁହୁଲିଆ ରେଳ ଓଭରବ୍ରିଜ୍ ପୂର୍ବରୁ ବାମପାର୍ଶ୍ୱରୁ ଏହି ରାସ୍ତା ଆରମ୍ଭ ହୋଇ ନଈ ଭିତରେ ଅପରପାର୍ଶ୍ୱରେ ଥିବା ନୀଳଚକ୍ରନଗରକୁ ଲାଗିଛି। ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି, କିଛି ବ୍ୟକ୍ତି ନୀଳଚକ୍ରନଗରରେ ପ୍ଲଟିଂ ଉଦ୍ଦେଶ୍ୟରେ ଏଭଳି ମୂଷାନଈକୁ ପୋତି ରାସ୍ତା ତିଆରି କରିଛନ୍ତି। ଏହି ରାସ୍ତା ଦେଇ ଭାରିଯାନ ବି ଯା'ଆସ କରୁଛି। ପ୍ଲଟିଂ ଜାଗାକୁ ମାଟି, ବାଲି, ଗୋଡ଼ି ଆଦି ବୁହା ହେଉଛି। ନୀଳଚକ୍ରନଗରରେ ଅଧିକାଂଶ ମୂଷାନଈକୁ ମାଡ଼ି ବସି ଘର କରିବାରେ ଲାଗିଥିବା ବେଳେ ନଈ ଭିତରେ ଏଭଳି ଜଳସ୍ରୋତକୁ ଅଟକାଇ ରାସ୍ତା ନିର୍ମାଣକୁ ଅଞ୍ଚଳବାସୀ ସହଜରେ ହଜମ କରି ପାରୁନାହାନ୍ତି। କିନ୍ତୁ ଯେଉଁ ବ୍ୟକ୍ତି ଏଭଳି କରିଛନ୍ତି, ସେ ପ୍ରଭାବଶାଳୀ ହୋଇଥିବାରୁ କେହି ମୁହଁ ଖୋଲୁନାହାନ୍ତି। ଏ ସମ୍ପର୍କରେ ପୁରୀ ତହସିଲଦାର ଅଭିଷେକ ଦାଶ କହିଛନ୍ତି, ନଈ ଭିତରେ ଏଭଳି ରାସ୍ତା ତିଆରି ବେଆଇନ୍। ଏ ସଂପର୍କରେ ଖବର ନାହିଁ। ଏହାର ଅନୁଧ୍ୟାନ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଦାଶ କହିଛନ୍ତି।

# ଓଡ଼ିଶା ସୀମାରେ ଜମି ବିବାଦ

## ଶୁକ୍ରବାର ପୋତିଥିଲେ, ଶନିବାର ଉପାଡ଼ିଲେ, ୨୦ରୁ ଅଧିକ ଖୁଣ୍ଟ ହଟାଇଲା ପଶ୍ଚିମବଙ୍ଗ



ଚନ୍ଦନେଶ୍ୱର, ୨/୩: ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ଓ ଦୀଘା-ଶଙ୍କରପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ସୀମାନ୍ତ ସାହାବାଜିପୁରରେ ଗତକାଲି ଖୁଣ୍ଟ ପୋତି ଓଡ଼ିଶା ଜମିକୁ ଜବରଦଖଲ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପଶ୍ଚିମବଙ୍ଗର ଦାଦାଗିରିକୁ ତୀବ୍ର ବିରୋଧ କରିଥିଲେ। ଫଳରେ ଆଜି ବାଧହୋଇ ପଶ୍ଚିମବଙ୍ଗ ୨୦ରୁ ଅଧିକ ସିମେଣ୍ଟ ଖୁଣ୍ଟ ଉପାଡ଼ି ଦେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଭୋଗରାଇ ବ୍ଲକ୍ ତଥା ଓଡ଼ିଶା ସୀମାନ୍ତ ସାହାବାଜିପୁର ଗାଁରେ ଖୁଣ୍ଟ ପୋତି ପଶ୍ଚିମବଙ୍ଗ ପକ୍ଷରୁ ଜମି ଜବରଦଖଲ କରାଯିବା ସଂପର୍କରେ ଏହାକୁ ନେଇ ବୁଦ୍ଧିଜୀବୀ ଓ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ସ୍ଥାନୀୟ ପ୍ରଶାସନ ତତ୍ପର ହୋଇ ଉଠିଛି। ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ବାଜିତପୁର ରାଜସ୍ୱ ନିରୀକ୍ଷକ ଓମ ପ୍ରକାଶ ମହନ୍ତ ଆଜି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପ୍ରଶାସନିକ ତତ୍ପରତା ଓ ଗ୍ରାମବାସୀଙ୍କ ପ୍ରତିବାଦ ଜୋରଦାର ହେବାରୁ ପଶ୍ଚିମବଙ୍ଗ ପୋତିଥିବା ୨୦ରୁ ଅଧିକ ଖୁଣ୍ଟ ଉପାଡ଼ିବାକୁ ବାଧ୍ୟ ହୋଇଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାର ଇଞ୍ଚେ ଜମି ପଶ୍ଚିମବଙ୍ଗକୁ ଦିଆଯିବ ନାହିଁ। ସାହାବାଜିପୁର ସରପଞ୍ଚ ଅରୁଣ ଗିରି କହିଛନ୍ତି,ପଶ୍ଚିମବଙ୍ଗ ସରକାର ବାରମ୍ବାର ଓଡ଼ିଶା ମଧ୍ୟକୁ ପ୍ରବେଶ କରିବା ଦୁର୍ଭାଗ୍ୟଜନକ ଘଟଣା। ଉକ୍ତ ଅଞ୍ଚଳରେ ଓଡ଼ିଶା ଓ ପଶ୍ଚିମବଙ୍ଗର ପ୍ରାଶାସନିକ ଅଧିକାରୀମାନେ ଏକତ୍ରିତ ହୋଇ ସୀମା ନିର୍ଦ୍ଧାରଣ କରିବାକୁ ପୂର୍ବତନ ନାଏବ ସରପଞ୍ଚ ହରେକୃଷ୍ଣ ପ୍ରଧାନ, ଭଗବାନ ଚନ୍ଦ୍ର ବେହେରା, ସମାଜସେବୀ ବ୍ରଜକିଶୋର ସାମଲ, ହରେକୃଷ୍ଣ ପ୍ରଧାନ, ପ୍ରଦୀପ ବେହେରା, ସୁବଳ ସାମଲ ପ୍ରମୁଖ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୯-୨୦ରେ ସୀମା ନିର୍ଦ୍ଧାରଣ ନ କରି ଦୀଘା-ଶଙ୍କରପୁର ଉନ୍ନୟନ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳରେ ଖୁଣ୍ଟ ପୋତୁଥିଲା। ତତ୍କାଳୀନ ଭୋଗରାଇ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ତତ୍କାଳୀନ ଭୋଗରାଇ ତହସିଲଦାର ପହଞ୍ଚି ମାପଚୁପ କରିଥିଲେ।

# କୋଇଲା ଖଣିର କଷଣ: ଶୁଖି ଗଲାଣି ଜଳଉତ୍ସ, ପ୍ରଦୂଷିତ ପାଣି, ପବନ



ଅନୁଗୁଳ, ୨/୩: ଖଣି ଖନନ ହେଲେ ରୋଜଗାର ବଢ଼ିବ ଓ ନିଯୁକ୍ତି ମିଳିବ। ଲୋକଙ୍କ ଆର୍ଥିକ ଅବସ୍ଥା ସୁଧୁରିବ। ଅଞ୍ଚଳର ବିକାଶ ହେବ। କିଛି ବର୍ଷ ହେଲା ଏମିତି ସୁନେଲି ସ୍ୱପ୍ନ ଦେଖୁଥିଲେ ଛେଣ୍ଡିପଦାବାସୀ। ହେଲେ କୋଇଲା ଉତ୍ତୋଳନ ଆରମ୍ଭ ହେଉହେଉ ଖନନ ପରର କଷଣ ଦେଖି ସାଧାରଣ ଲୋକେ ତ୍ରାହିତ୍ରାହି ଡାକିଲେଣି। ଖଣି ନିକଟବର୍ତ୍ତୀ ଅଞ୍ଚଳରେ ଧୂଳିଧୂଆଁରେ ଲୋକେ କଲବଲ ହେବା ସହ ଚାଷବାସ ଉଜୁଡ଼ି ଜୀବନଜୀବିକା ସବୁ କିଛି ପ୍ରଭାବିତ ହେବାରେ ଲାଗିଛି। ଜଳ ଉତ୍ସ ଶୁଖି ଯାଉଥିବାରୁ ପିଇବା ପାଣି ପାଇଁ ଲୋକେ ଦହଗଞ୍ଜ ହେଉଛନ୍ତି।ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍‌ରେ ଏବେ ଦୁଇଟି କୋଲ୍ ବ୍ଲକ୍‌ରୁ କୋଇଲା ଖୋଳା ଆରମ୍ଭ ହୋଇଛି। ଏଠାରେ କୋଇଲା ଉତ୍ତୋଳନ ଓ ପରିବହନ ଆରମ୍ଭ ହେଉ ହେଉ ଖଣି ନିକଟସ୍ଥ ଗାଁଗୁଡ଼ିକର ଜୀବନ ଦୁର୍ବିଷହ ହୋଇପଡ଼ିଲାଣି। ବିଶେଷକରି ରାଇଝରଣ, ଧୋବାମଳିହା, ଛୋଟବେରେଣୀ, ଗୋଳାଗାଡ଼ିଆ ଆଦି ଗାଁଗୁଡ଼ିକ ଖଣି ପଛର ଦୁଃଖକୁ ମର୍ମେ ମର୍ମେ ଅନୁଭବ କରୁଛନ୍ତି। ରାଇଝରଣ ନିକଟରେ ଏକା ସମୟରେ ଦୁଇଟି କୋଲ୍ ବ୍ଲକ୍‌ରୁ କୋଇଲା ଉତ୍ତୋଳନ ଆରମ୍ଭ ହେବା ପରେ ଏଠାରେ ରହିଥିବା ବିଭିନ୍ନ ଜଳ ଉତ୍ସଗୁଡ଼ିକ ଗଭୀର ଭାବେ ପ୍ରଭାବିତ ହୋଇଛି। ଗାଁରେ ପାଖାପାଖି ୫ ହଜାର ଲୋକ ରହୁଥିବା ବେଳେ ଏଠାରେ କୂଅର ଜଳସ୍ତର ତଳକୁ ଚାଲିଗଲାଣି। ଖରା ଆରମ୍ଭରୁ ଅଧିକାଂଶ କୂଅ ଶୁଖିବାକୁ ବସିଥିଲା ବେଳେ ମେ' ବେଳକୁ ଲୋକେ ଏଥିରୁ ଟୋପାଏ ପାଣି ପାଇବା ନେଇ ଆଶଙ୍କା ରହିଛି। ଏପଟେ ଗ୍ରାମାବାସୀ ନିର୍ଭର କରୁଥିବା ସବୁଠାରୁ ବଡ଼ ପୋଖରୀ କଟାବନ୍ଧର ପାଣି ଉପରେ କୋଇଲା ଗୁଣ୍ଡର ଏକ ଆସ୍ତରଣ ପଡ଼ିଗଲାଣି।ଏଣୁ ଏହା ବ୍ୟବହାର ଅନୁପଯୋଗୀ ହେବାକୁ ବସିଛି। ଗାଁରେ ରହିଥିବା ନଳକୂପଗୁଡ଼ିକ ୧୫୦ରୁ ୧୬୦ ଫୁଟ୍‌ରେ ପାଣି ଦେଉଥିଲା ବେଳେ ଏବେ ଏହା ୨୫୦ ଫୁଟ୍‌କୁ ଖସି ଯାଇଥିବା ଗ୍ରାମବାସୀ କହୁଛନ୍ତି। ଏବେଠାରୁ ଏମିତି ଜଳସ୍ତର ହ୍ରାସ ହେବା ଫଳରେ ଖରାଦିନେ ଲୋକେ ତହଳବିକଳ ହେବା ନିଶ୍ଚିତ । ରାଇଝରଣ ସରପଞ୍ଚ ପ୍ରଶାନ୍ତ କୁମାର ସେଠୀ କହିଛନ୍ତି, ଗାଁ ନିକଟରେ ଦୁଇ ଦୁଇଟି କୋଇଲା ଖଣି ଖୋଳା ହେବାରୁ ଜଳସ୍ତର ତଳକୁ ଖସି ଯାଇଛି। ପୋଖରୀ ଓ ଖୋଲାକୂଅଗୁଡ଼ିକରେ କୋଇଲା ଗୁଣ୍ଡର ଆସ୍ତରଣ ପଡ଼ିଯିବା ପରେ ଏହା ବ୍ୟବହାର କରିବାକୁ ଡର ଲାଗୁଛି। ପୁଣି ପୁରୁଣା ନଳକୂପରୁ ଆଉ ଠିକ୍‌ରେ ପାଣି ବାହାରୁନି। ଅଳ୍ପ ଦିନ ବ୍ୟବଧାନରେ ଖରାପ ହେଉଛି। ବଡ଼କଥା ହେଲା, କୋଇଲା ଖଣି ହେବା ପରେ ପାଣିର ସ୍ୱାଦ ବଦଳିଯାଇଛି। ପାଣି ପଙ୍କୁଆ ଲାଗୁଥିବାରୁ ଏହା ବ୍ୟବହାର କଲେ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଏଣୁ ତୁରନ୍ତ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ସେ ଦାବି କରିଛନ୍ତି। ଏପଟେ କୋଇଲା ପରିବହନ ପାଇଁ ସେମିତି କିଛି ଠୋସ୍ ଭିତ୍ତିଭୂମି ପ୍ରସ୍ତୁତ କରାଯାଇନି। ତେଣୁ ଏବେ ରାଜ୍ୟ ରାଜପଥରେ ଟ୍ରକ୍ ଯୋଗେ କୋଇଲା ପରିବହନ କରାଯାଉଛି। ନିତିଦିନ ହଜାର ହଜାର ଟ୍ରକ୍‌ରେ କୋଇଲା ପରିବହନ ଫଳରେ ପ୍ରଦୂଷଣ ସୀମା ଟପିଛି। କୋଇଲା ଗୁଣ୍ଡରେ ଘରଦ୍ୱାର କଳା ପଡ଼ିଗଲାଣି। ପୁଣି ମୁଖ୍ୟ ରାସ୍ତାରେ ସହର ମଝିରେ କୋଇଲା ପରିବହନ ହେଉଥିବାରୁ ଦୁର୍ଘଟଣା ବଢ଼ୁଛି। ଅକାଳରେ ଅନେକ ଜୀବନ ଯିବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏଥିନେଇ ରାଇଝରଣର ପୂର୍ବତନ ସରପଞ୍ଚ ପତିତପାବନ ଦେହୁରୀ କହିଛନ୍ତି, ଗାଁକୁ ବିସ୍ଥାପିତ କରି ଥଇଥାନ କରିବା ପୂର୍ବରୁ ତରବରିଆ ଭାବେ କୋଇଲା ଉତ୍ତୋଳନ କରାଯିବା ଯୋଗୁ ଲୋକଙ୍କ ଜୀବନ ଦୁର୍ବିଷହ ହୋଇ ପଡ଼ିଛି। ପ୍ରଦୂଷଣ ପାଇଁ ଚର୍ମରୋଗ ବଢ଼ିଥିଲା ବେଳେ ଧୂଳିଧୂଆଁରେ ଜିଇଁବା କଷ୍ଟକର ହୋଇଗଲାଣି। ଏପଟେ ଏଥର ଖରାଦିନେ ସାଂଘାତିକ ଜଳକଷ୍ଟ ଭୋଗିବା ନିଶ୍ଚିତ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

# କେନ୍ଦ୍ରାପଡ଼ା ଛାତିରେ ବହୁଛି ୧୪ ନଦୀ

## ମଣିଷ ପାଇଁ ପାଣି ନାହିଁ, ଏ ବର୍ଷ ବି ଜଳକଷ୍ଟରୁ ମିଳିବନି ମୁକ୍ତି




କେନ୍ଦ୍ରାପଡ଼ା, ୨/୩: କେନ୍ଦ୍ରାପଡ଼ା ଜିଲ୍ଲାର ଛାତି ଚିରି ପ୍ରବାହିତ ହେଉଛି ୧୪ରୁ ଅଧିକ ଛୋଟବଡ଼ ନଦୀ। ଅନେକ ନଦୀ ଜିଲ୍ଲା ଭିତରେ ପ୍ରବାହିତ ହୋଇ ସମୁଦ୍ରରେ ମିଶିଛି। ଜିଲ୍ଲାର ୯ଟି ବ୍ଲକ୍‌ରୁ ଏମିତି ଗୋଟିଏ ବି ବ୍ଲକ୍ ନାହିଁ, ଯେଉଁଠି ନଦୀ ନାହିଁ। କିନ୍ତୁ ନଦୀନାଳ ଘେରା ଜିଲ୍ଲାରେ ଜିଲ୍ଲାବାସୀଙ୍କ ଶୋଷ ମେଣ୍ଟାଇବାକୁ ପାଣିର ଅଭାବ ପଡୁଛି। କେଉଁଠି ବର୍ଷତମାମ୍ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେଉଛି ତ' ଆଉ କେଉଁଠି ଗୋଟିଏ ନଳକୂପ ଚାରିପାଖେ ଗରା-ବାଲ୍‌ଟିର ଭିଡ଼ ଦେଖିବାକୁ ମିଳୁଛି। ସବୁ ନଈର ପାଣି ସମୁଦ୍ର ଟାଣି ନେଉଥିବା ବେଳେ ମଣିଷ ବିଶୁଦ୍ଧ ପାଣି ଟୋପାଏ ପାଇଁ ତହଳବିକଳ ହେଉଛି। ଉଦ୍‌ବେଗର କାରଣ ହେଉଛି, ଜିଲ୍ଲାର ଚାରି ବ୍ଲକ୍‌ର ଭୂତଳ ଜଳ ଲବଣାକ୍ତ। କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁଯାୟୀ ଜିଲ୍ଲାର ଭୂତଳ ଜଳସ୍ତର ସଙ୍କଟଜନକ ସ୍ଥିତିରେ ଥିବା ବେଳେ ରାଜ୍ୟ ସରକାରଙ୍କ ବୃହତ୍ ପାନୀୟ ଜଳ ପ୍ରକଳ୍ପ ଅତ୍ୟନ୍ତ ମନ୍ଥର ଗତିରେ ଚାଲିବା କାରଣରୁ ଜିଲ୍ଲାବାସୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। ଚଳିତବର୍ଷ ଏ ସମସ୍ୟାରୁ ମୁକ୍ତି ମିଳିବା ଆଶା କମ୍। ଯଦିଓ ରାଜ୍ୟ ସରକାର ୨୦୨୫ ଶେଷ ସୁଦ୍ଧା ସାତଟି ବ୍ଲକ୍‌ରେ ୬ ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଇଯିବ ବୋଲି ଆଶା ଦେଖାଇଛନ୍ତି, କିନ୍ତୁ ତାହାର ବାସ୍ତବତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବିରୂପା, ଚିତ୍ରୋତ୍ପଳା, ଲୁଣା, କରାଣ୍ଡିଆ, ଖରସ୍ରୋତା, ଗୋବରୀ, ପାଇକା, କାଣି, ପାଟଶାଳା, ହଂସୁଆ, ଖୋଳା ଆଦି ଛୋଟବଡ଼ ୧୪ଟି ନଦୀ ପ୍ରବାହିତ ହେଉଛି। କିନ୍ତୁ ଜିଲ୍ଲାରେ ଭୂତଳ ଜଳସ୍ତର ଏବେ ସଙ୍କଟଜନକ ସ୍ଥିତିରେ ରହିଛି। କେନ୍ଦ୍ର ସରକାରଙ୍କ ରିପୋର୍ଟ ପରେ ୨୦୧୯ରୁ ରାଜ୍ୟର ଏକମାତ୍ର ଜିଲ୍ଲା ଭାବେ କେନ୍ଦ୍ରାପଡ଼ାକୁ ଜଳଶକ୍ତି ଅଭିଯାନରେ ସାମିଲ୍ କରାଯାଇଛି। ଆହୁରି ସାଂଘାତିକ କଥା ହେଉଛି ମହାକାଳପଡ଼ା, ମାର୍ଶାଘାଇ, ରାଜନଗର ଓ ରାଜକନିକା ବ୍ଲକ୍‌ର ଭୂତଳ ଜଳସ୍ତର ଲବଣାକ୍ତ ବୋଲି ମୂଲ୍ୟାୟନ କରାଯାଇଥିବା ବେଳେ ଗରଦପୁର ବ୍ଲକ୍ ନିରାପଦ ଜୋନ୍‌ରୁ ବାହାରି ସଗ୍ମିନ୍ ପର୍ଯ୍ୟାୟକୁ ଯାଇଥିବା ଦର୍ଶାଯାଇଛି। ସମୁଦ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ହୋଇଥିବା କାରଣରୁ ଉପରୋକ୍ତ ଚାରି ବ୍ଲକ୍‌ରେ ମାଟି ତଳେ ଲୁଣି ପାଣି ମାଡୁଛି। ନଳକୂପ ଖନନ ଅଧିକାଂଶ କ୍ଷେତ୍ରରେ ବିଫଳ ହେଉଥିବାରୁ ଲୋକମାନେ ସରକାରୀ ଜଳ ଯୋଗାଣ ଉପରେ ନିର୍ଭର କରୁଛନ୍ତି। ସମସ୍ୟାରୁ ମୁକ୍ତି ପାଇଁ ଲବଣାକ୍ତ ବ୍ଲକ୍ ରୂପେ ପରିଚିତ ମହାକାଳପଡ଼ା, ମାର୍ଶାଘାଇ, ରାଜକନିକା, ରାଜନଗର ସମେତ ପଟ୍ଟାମୁଣ୍ଡାଇ, ଆଳି ଓ ଗରଦପୁର ବ୍ଲକ୍‌ରେ ସମ୍ପ୍ରତି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାମ ଚାଲୁ ରହିଛି। କିନ୍ତୁ ପ୍ରକଳ୍ପ ଶେଷ ହେବାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ସମୟ ଗଡ଼ି ଚାଲିବା ସହିତ ଜିଲ୍ଲାବାସୀଙ୍କ ବିଶୁଦ୍ଧ ପିଇବା ପାଣି ସ୍ୱପ୍ନ ଘୁଞ୍ଚି ଚାଲିଛି। ନିକଟରେ ବିଧାନସଭାରେ ମନ୍ତ୍ରୀ ଦେଇଥିବା ଉତ୍ତର ମୁତାବକ ଛଅଟି ବୃହତ୍ ପ୍ରକଳ୍ପ ମଧ୍ୟରୁ ପାଞ୍ଚଟି ପ୍ରକଳ୍ପ କାମ ଚଳିତବର୍ଷ ଡିସେମ୍ବର ୩୧ରେ ଶେଷ ହେବ ବୋଲି ଦର୍ଶାଯାଇଥିବା ବେଳେ କେବଳ ମହାକାଳପଡ଼ା-ମାର୍ଶାଘାଇ ପ୍ରକଳ୍ପ ମାର୍ଚ୍ଚ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଆଳି ପ୍ରକଳ୍ପ କାମ ୭୧ପ୍ରତିଶତ ସରିଥିବା ବେଳେ ଗରଦପୁରରେ ୫୧ ପ୍ରତିଶତ, ମହାକାଳପଡ଼ା-ମାର୍ଶାଘାଇରେ ୮୫ ପ୍ରତିଶତ, ପଟ୍ଟାମୁଣ୍ଡାଇରେ ୪୯ ପ୍ରତିଶତ, ରାଜକନିକାରେ ୭୦ ପ୍ରତିଶତ ଏବଂ ରାଜନଗରରେ ୫୧ ପ୍ରତିଶତ କାମ ଶେଷ ହୋଇଛି। ସାଂଘାତିକ କଥାଟି ହେଉଛି ଗତବର୍ଷ ବିଧାନସଭାରେ ମହାକାଳପଡ଼ା-ମାର୍ଶାଘାଇ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବାକୁ ଯାଇ ବିଭାଗୀୟ ମନ୍ତ୍ରୀ ୨୦୨୪ ଡିସେମ୍ବରରେ ଏହା ସରିବ ବୋଲି କହିଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ